# କେତେକ ନିର୍ବାଚିତ

# ହଦିସ

(ମୂଳ ଆରବୀ ପାଠ ସହିତ ଓଡିଆ ଅନୁବାଦ)



The sayings of the Holy Prophet Muhammad (peace and blessings of Allah be upon him) are a source of guidance for Muslims. This book contains a small selection of such sayings with topics ranging from the love of God to table manners. The sayings are presented in their original Arabic along with odiya translation.

Selected Sayings of the Holy Prophet Muhammad[saw]
(in Odiya)

# କେତେକ ନିର୍ବାଚିତ

# ହଦିସ

(ମୂଳ ଆରବୀ ପାଠ ସହିତ ଓଡିଆ ଅନୁବାଦ)

# କେତେକ ନିର୍ବାଚିତ ହଦିସ

(SELECTED HADITH)

**ହଜରତ ମୁହମ୍ମଦ[ସଅ]ଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ ମୁଖନିଃସୃତ ବାଣୀ**

(Selected Sayings of the Holy Prophet of Islam in Odia)

**(ମୂଳ ଆରବୀ ପାଠ ସହିତ ଓଡିଆ ଅନୁବାଦ)**

(c) ISLAM INTERNATIONAL PUBLICATIONS LTD.

*Translated into Odia by*
Dr. Muhammad Anwarul Haque
Abdul Qadar Khan, M.A. (Odia)

*Published by*
Nazarat Nashro Ishaat
Sadr Anjuman Ahmadiyya, Qadian
Dist Gurdaspur, Punjab-143516

First Published in India : 1988
Revised Edition in Odia : 2019
(1000 Copies)

*Printed at*
Fazle Umar Printing Press
Qadian, Distt. Gurdaspur, Punjab - 143516

**ISBN :**

No part of this publication may be reproduced in any from or by any means without prior written permission from the publisher.

# ବିଶ୍ୱବ୍ୟାପ୍ତ ଅହମଦିୟା ସମ୍ପ୍ରଦାୟର ଶତବାର୍ଷିକୀ ମହୋତ୍ସବ ଉପଲକ୍ଷେ

ଏକେଶ୍ୱରବାଦ ମନ୍ତ୍ରର ପ୍ରଚାର ଓ ତାହାକୁ ପ୍ରେମ କରିବା ଅପରାଧରେ ଗୁରୁତର ଶାସ୍ତି ଓ ଦୁଃଖ ଯନ୍ତ୍ରଣା ଭୋଗ କରୁଥିବା ତଥା ଅଲ୍ଲାହ୍‌ଙ୍କ ଉଦ୍ଦେଶ୍ୟରେ ଶହିଦ୍ ହେଉଥିବା ସହନଶୀଳତାର ମୂର୍ତ୍ତିମନ୍ତ ପ୍ରତୀକ ବିଲାଲ*ଙ୍କ ସଦୃଶ ଅହମଦୀ ମୁସଲମାନମାନଙ୍କ ତରଫରୁ ଏକ ଶୁଦ୍ଧପୂତ ଉପହାର ।

* ବିଲାଲ[ରଅ] ଥିଲେ ଦିବ୍ୟ ଅବତାର ହଜରତ ମୁହମ୍ମଦ[ସଅ]ଙ୍କର ଅନ୍ୟତମ ସହଚର । ଇସଲାମ ଧର୍ମ ଗ୍ରହଣ କରୁଥିବା ହେତୁ ସେ ଚରମ ନିର୍ଯ୍ୟାତନା ଓ ଅତ୍ୟାଚାରର ଶରବ୍ୟ ହୋଇଥିଲେ ମଧ୍ୟ ଏକେଶ୍ୱରବାଦର ପରିହାର ଅପେକ୍ଷା ମୃତ୍ୟୁ ବରଣ କରିବାକୁ ଶ୍ରେୟସ୍କର ମନେ କରିଥିଲେ ।

# ମର୍ଯ୍ୟାଦାସୂଚକ ଉକ୍ତି

ସଅ -	(ସ୍ୱଲ୍ଲଲ୍ଲାଃ ଅଲୈହେ ୱ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ଅସ -	(ଆଲୈଃସଲାତୁ ୱ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ରଅ -	(ରଜିଅଲ୍ଲାଃ ତା' ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧୀକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

ରଉ -	(ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସର୍ବଦୈବ ଉନ୍ନୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧ୍ୟାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

ଅବ -	(ଅୟଦହୁଲ୍ଲାହୁ ତା'ଲା ବେନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦା ସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ସୂଚୀପତ୍ର


| | | |
|---|---|---|
| ୧. | ଅଭିପ୍ରାୟ ଓ କାର୍ଯ୍ୟ | ୧ |
| ୨. | ସମ୍ମାନାସ୍ପଦ ପ୍ରଭୁଙ୍କ ମହିମା | ୨ |
| ୩. | ଏକେଶ୍ୱରବାଦ | ୩ |
| ୪. | ଅଲ୍ଲାଃଙ୍କୁ ସ୍ମରଣ | ୪ |
| ୫. | ଈଶ୍ୱର ପ୍ରେମ | ୮ |
| ୬. | ପବିତ୍ର କୁରଆନ | ୧୨ |
| ୭. | ହଜରତ ମୁହମ୍ମଦ[ସଅ] ଙ୍କର ସର୍ବୋତ୍କୃଷ୍ଟ ଆଚରଣ | ୧୩ |
| ୮. | ଇସଲାମର ମୂଳଭିତ୍ତି | ୧୬ |
| ୯. | ନମାଜ ଓ ଉପାସନା ପଦ୍ଧତି | ୧୮ |
| ୧୦. | ରୋଜା : ଉପବାସ | ୨୨ |
| ୧୧. | ହଜ : ତୀର୍ଥଯାତ୍ରା | ୨୪ |
| ୧୨. | ଜକାତ : ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ବ୍ୟୟ | ୨୬ |
| ୧୩. | ସତ୍‌କର୍ମର ନିର୍ଦ୍ଦେଶ ଓ ଅସତ୍‌କର୍ମର ବାରଣ | ୩୧ |
| ୧୪. | ଅଲ୍ଲାଃଙ୍କ ନିକଟକୁ ଲୋକମାନଙ୍କୁ ନିମନ୍ତ୍ରଣ | ୩୨ |
| ୧୫. | ବାଧ୍ୟତାମୂଳକ ଓ ନିଷିଦ୍ଧ କର୍ମ | ୩୪ |
| ୧୬. | ନିକାହ : ମୁସଲିମ ବିବାହ | ୩୫ |
| ୧୭. | ଉତ୍ତମ ଆଚରଣ | ୩୭ |
| ୧୮. | ଇସଲାମ୍ ସମାଜ | ୪୧ |
| ୧୯. | ଲୋକମାନଙ୍କ ପ୍ରତି କୃତଜ୍ଞତା | ୪୪ |
| ୨୦. | ପିତାମାତାଙ୍କ ପ୍ରତି ସଦ୍‌ବ୍ୟବହାର | ୪୪ |
| ୨୧. | ପ୍ରତିବେଶୀ ପ୍ରତି ଉଦାର ମନୋଭାବ | ୪୫ |
| ୨୨. | ଦୁର୍ବଳ ପ୍ରତି ଦୟା | ୪୭ |
| ୨୩. | କ୍ଷମାଶୀଳତା | ୪୮ |
| ୨୪. | ଭୋଜନର ରୀତିନୀତି | ୪୯ |

| | |
|---|---|
| ୨୫. ବେଶ ପୋଷାକ | ୫୦ |
| ୨୬. ପରିଷ୍କାର ପରିଚ୍ଛନ୍ନତା | ୫୧ |
| ୨୭. ଈର୍ଷା ପରାୟଣତା | ୫୨ |
| ୨୮. ଔଦ୍ଧତ୍ୟ ଓ ଅହଂକାର | ୫୩ |
| ୨୯. ମିଥ୍ୟା କଥନ | ୫୪ |
| ୩୦. ମୁସଲମାନମାନଙ୍କ ଅଧଃପତନ | ୫୬ |
| ୩୧. ଇମାମ୍ ମେହଦିଙ୍କ ଆବିର୍ଭାବ | ୫୭ |
| ୩୨. ହଜରତ୍ ମୁହମ୍ମଦ[ସଅ]ଙ୍କ ଅନ୍ତିମ ହଜ୍ ଅଭିଭାଷଣ | ୬୩ |

نَحْمَدُهٗ وَنُصَلِّى عَلٰى رَسُوْلِهِ الْكَرِيْمِ

# ଭୂମିକା

ଇସ୍‌ଲାମ ଏକ ମହାନ୍ ଧର୍ମ । ଏହାର ମହାନତା ପଛରେ ଯେଉଁ ଗୁପ୍ତ ରହସ୍ୟ ରହିଛି, ତାହା ହେଉଛି ପବିତ୍ର କୁରଆନର ସମ୍ପୂର୍ଣ୍ଣ ଓ ଅମଳିନ ଶିକ୍ଷା ଓ ମହାମାନ୍ୟ ମୁହମ୍ମଦ ମୁସ୍ତଫା[ସଅ]ଙ୍କ ଦ୍ୱାରା ଏହି ଶିକ୍ଷାର ସମ୍ପୂର୍ଣ୍ଣ ପାଳନ । ଏହିପରି ଭାବରେ ସେ ଯାହା ଶିକ୍ଷା ଦେଇଥିଲେ ସେ ତାହାର ପୂର୍ଣ୍ଣାଙ୍ଗ ଓ ଜୀବନ୍ତ ଉଦାହରଣ ।

ତାଙ୍କର ଶିକ୍ଷା ଓ ସାଧନା ମଧ୍ୟରେ ଥିବା ନିବିଡ଼ ଓ ଅବିଚ୍ଛିନ୍ନ ସମ୍ପର୍କ ତାଙ୍କ ସହଗାମୀମାନଙ୍କ ଉପରେ ଏକ ଅଲିଭା ସ୍ମୃତି ଛାଡ଼ି ଯାଇଥିଲା । ହଜରତ ମୁହମ୍ମଦ[ସଅ]ଙ୍କ ମୃତ୍ୟୁପରେ ତାଙ୍କ ଜୀବନୀ ଉପରେ ତାଙ୍କ ପତ୍ନୀ ଆଏସାଙ୍କୁ ଯେତେବେଳେ ପଚରାଗଲା, ସେ ଉତ୍ତର ଦେଲେ : "କୁରଆନ ହିଁ ତାଙ୍କର ଜୀବନୀ ।"

"ସେ ନିଜ ତରଫରୁ କିଛି କୁହନ୍ତି ନାହିଁ, ତାଙ୍କର ସମସ୍ତ କଥା ଦିବ୍ୟ ପରିପ୍ରକାଶ ଅନୁଯାୟୀ ହୋଇଥାଏ ।"

ତେଣୁ ଏହାଠାରୁ ବିସ୍ମୟକର କଥା ଆଉ କିଛି ନାହିଁ ଯେ ସମଗ୍ର ମାନବ ଜାତି ପାଇଁ ଏବଂ ଆଗାମୀ ସମସ୍ତ ସମୟ ପାଇଁ ତାଙ୍କୁ ଏକ ପରିପୂର୍ଣ୍ଣ ଆଦର୍ଶ ରୂପେ ପବିତ୍ର କୁରଆନରେ ବର୍ଣ୍ଣନା କରାଯାଇଛି । ସର୍ବଶକ୍ତିମାନ୍ ଅଲ୍ଲାଃ ପବିତ୍ର କୁରଆନ୍‌ରେ କହିଛନ୍ତି : "ତୁମମାନଙ୍କ ପାଇଁ ଅଲ୍ଲାଃଙ୍କ ଅବତାର (ଅର୍ଥାତ୍ ହଜରତ ମୁହମ୍ମଦ[ସଅ])ଙ୍କ ଠାରେ ଏକ ମହତ୍ ଆଦର୍ଶ ଅଛି ।"

ପବିତ୍ର କୁରଆନରୁ ଗୁରୁତ୍ୱପୂର୍ଣ୍ଣ ମାନବିକ ଆଗ୍ରହ ସମ୍ବନ୍ଧୀୟ କିଛି ବଛା ବଛା ପଙ୍‌କ୍ତି (ଆୟତ୍) ଆଗରୁ ପ୍ରକାଶ କରାଯାଇଛି । ଏବେ ହଦିସ୍ ଅର୍ଥାତ ପବିତ୍ର ଅବତାର[ସଅ]ଙ୍କ ଜୀବନ ଚରିତ, କାର୍ଯ୍ୟାବଳୀ ଏବଂ ତାଙ୍କ କଥିତ ନୀତିବାକ୍ୟର ଏକ କ୍ଷୁଦ୍ର ସଂକଳନ ଉପସ୍ଥାପନ କରାଯାଉଛି । ଏହାକୁ ଅନୁଧ୍ୟାନ କଲେ ପବିତ୍ର ଅବତାର[ସଅ]ଙ୍କ ଦୈନନ୍ଦିନ ଜୀବନ, ତାଙ୍କର ଉପାସନା, ଉଚ୍ଚ ନୈତିକମାନ ଓ ଧର୍ମ ପ୍ରଚାର କରିବାର ଶୈଳୀ ବିଷୟରେ ସଂକ୍ଷିପ୍ତ ପରିଚୟ ମିଳିପାରିବ ।

ପବିତ୍ର ଅବତାର[ସଅ]ଙ୍କ ଜୀବନକାଳ ଭିତରେ କିଛି ହଦିସ୍ ଲେଖାଯାଇଥିବା କଥା କୁହାଯାଇଥିଲେ ମଧ୍ୟ ଅଧିକାଂଶ ହଦିସ୍ ତାଙ୍କ ଦେହାବସାନର ପ୍ରାୟ ଦୁଇଶହ ବର୍ଷ ପରେ ଲେଖାଯାଇଛି । ସୁଦୀର୍ଘ ସମୟ ପରେ ଅଧିକାଂଶ ହଦିସ୍ ସଂଗ୍ରହ କରାଯାଇଥିଲେ ମଧ୍ୟ ନିମ୍ନୋକ୍ତ ଦୃଷ୍ଟିରୁ ସେସବୁକୁ ଅତ୍ୟନ୍ତ ବିଶ୍ୱାସଯୋଗ୍ୟ ବୋଲି ଧରାଯାଇ ପାରିବ ।

ପ୍ରଥମତଃ ପବିତ୍ର ଅବତାର[ସଅ]ଙ୍କ ବାର୍ତ୍ତାକୁ ଅତିଶୟ ସମ୍ମାନ ଦିଆଯାଉଥିବାରୁ ତାଙ୍କ ସହଗାମୀମାନେ ତାକୁ ସଙ୍ଗେ ସଙ୍ଗେ ମୁଖସ୍ଥ କରିଦେଉଥିଲେ ଏବଂ ପରେ ବାରମ୍ବାର ନିଜ ନିଜ ଭିତରେ ତାକୁ ଆବୃତ୍ତି କରୁଥିଲେ, ଅନ୍ୟ ଆଗରେ କହୁଥିଲେ ଏବଂ ସେ ସମ୍ବନ୍ଧରେ ବହୁବାର ଆଲୋଚନା କରୁଥିଲେ ।

ଦ୍ୱିତୀୟ ମୁଖ୍ୟ କାରଣ ହେଉଛି ଯେ ତାଙ୍କ କଥନକୁ ପ୍ରଗାଢ଼ ଧର୍ମବିଶ୍ୱାସ ଓ ଭକ୍ତିର ସହିତ ଚର୍ଚ୍ଚା କରାଯାଉଥିଲା । ତାଙ୍କ ମୂଳ ବାକ୍ୟରେ ଅନ୍ୟ କିଛି ସଂଯୋଗ କଲେ କିମ୍ବା ସେଥିରୁ କିଛି ବ୍ୟତିକ୍ରମ କଲେ ତାହା ଏକ ଅପରାଧ ଏବଂ ସେଥିପାଇଁ ଅଲ୍ଲାଃଙ୍କ ଠାରେ ଜବାବ ଦେବାକୁ ହେବ ବୋଲି ବିଚାର କରାଯାଉଥିଲା । ପବିତ୍ର ଅବତାର[ସଅ] ନିଜେ କହିଛନ୍ତି ଯେ "ମୁଁ ଯାହା କହିନାହିଁ ଯିଏ ମୋ ପ୍ରତି ତାହା ଆରୋପ କରେ, ତାହାର ବାସସ୍ଥାନ ନର୍କ ହେବ ।"

ତୃତୀୟତଃ ତାଙ୍କ ସମ୍ବନ୍ଧରେ କିଛି କୁହାଗଲେ କିମ୍ବା ତାଙ୍କ କହିବା କଥା ଅନ୍ୟକୁ କୁହାଗଲେ, ଗ୍ରହଣ କରୁଥିବା ବ୍ୟକ୍ତିକୁ ତାହା ମନେ ରଖିବା ସଙ୍ଗେ ସଙ୍ଗେ ଯେଉଁ ବ୍ୟକ୍ତି ତାକୁ କହୁଥିଲେ, ତାଙ୍କ ନାମ ଓ ସବିଶେଷ ବିବରଣୀ ମଧ୍ୟ ମନେ ରଖିବାକୁ ପଡୁଥିଲା । ଯାହା ଫଳରେ ସେହି କଥା ଉପରେ କିଛି ପ୍ରଶ୍ନ କରାଗଲେ ତାଙ୍କୁ କୁହାଯାଇଥିବା ପ୍ରମାଣକ ବ୍ୟକ୍ତିଙ୍କ ନାମକୁ ସେ ଉଦ୍ଧୃତ କରିପାରୁଥିଲେ ।

ଚତୁର୍ଥ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଆରବବାସୀ ସେମାନଙ୍କ ଅନୁପମ ସ୍ମରଣ ଶକ୍ତି ପାଇଁ ପବିତ୍ର ଅବତାର[ସଅ]ଙ୍କ ଆଗମନ ପୂର୍ବରୁ ମଧ୍ୟ ପ୍ରସିଦ୍ଧ ଥିଲେ । ଆରବୀୟ କବିମାନଙ୍କର ଏକ ଲକ୍ଷ କିମ୍ବା ତଦୁର୍ଦ୍ଧ୍ୱ ପଙ୍କ୍ତିକୁ ମନେରଖି ପାରିଥିବା ଲୋକ ଆରବୀୟମାନଙ୍କ ମଧ୍ୟରେ ବିରଳ ନଥିଲେ । ଏତଦ୍‌ଭିନ୍ନ ବଂଶ ବୃକ୍ଷଗୁଡ଼ିକର ନାମ ମନେ ରଖିବା ଥିଲା ସେମାନଙ୍କର ଏକ ସାଧାରଣ ପ୍ରଥା । ପବିତ୍ର ଅବତାର[ସଅ]ଙ୍କ ଆଗମନ ପରେ ତାଙ୍କ ଅନୁଚରମାନଙ୍କର ନୈତିକ ମାନ ବହୁ ଉର୍ଦ୍ଧ୍ୱରେ ଉନ୍ନୀତ ହୋଇଥିଲା ଏବଂ ବିଶେଷତଃ ଅତିରଞ୍ଜିତ କରିବା ଅଭ୍ୟାସକୁ ନିନ୍ଦା କରାଯାଉଥିଲା । ଅଧିକନ୍ତୁ ପବିତ୍ର କୁରଆନ୍‌ରେ ଯେ କେବଳ ସତ୍ୟ ଉପରେ ଗୁରୁତ୍ୱ ଆରୋପ କରାଯାଉଥିଲା ତା'ନୁହେଁ, ବିବୃତିଗୁଡ଼ିକର ସତ୍ୟାସତ୍ୟ ନିରୁପଣ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଉଥିଲା ।

ଏହିସବୁ କାରଣରୁ ଇସ୍‌ଲାମର ପବିତ୍ର ଅବତାର[ସଅ]ଙ୍କ ପରିପ୍ରକାଶ ହଦିସ୍ ଆକାରରେ ବିଶେଷ ଯତ୍ନର ସହିତ ଚର୍ଚ୍ଚା କରାଯାଉଥିଲା । ବସ୍ତୁତଃ ଏପରି ପଦ୍ଧତି ଐତିହାସିକ ବିଷୟବସ୍ତୁର ସଂଗ୍ରାହକମାନଙ୍କୁ ଜଣା ନଥିଲା ।

ଏହି ନୀତିବାକ୍ୟଗୁଡ଼ିକୁ ସଂଗ୍ରହ କରିବାରେ ମୁସଲମାନ ପଣ୍ଡିତମାନେ ଏତେ ତନ୍ନ ତନ୍ନ କରି କାର୍ଯ୍ୟ କରୁଥିଲେ ଓ ଏହାର ସଠିକତା ପ୍ରତି ଏତେ ଦୃଷ୍ଟି ଦେଉଥିଲେ ଯେ ଇସ୍‌ଲାମର ପବିତ୍ର ଅବତାର[ସଅ]ଙ୍କ ନୀତିବାକ୍ୟଗୁଡ଼ିକର ସଂକଳନ ସହିତ ଅନ୍ୟାନ୍ୟ ଐତିହାସିକ ତଥ୍ୟ ସଂଗ୍ରହକୁ ଆଦୌ ତୁଳନା କରାଯାଇପାରିବ ନାହିଁ । ମୁଖ୍ୟ ହଦିସ୍ ଗ୍ରନ୍ଥମାନଙ୍କ ମଧ୍ୟରୁ ଏକ ନର୍ଦ୍ଦିଷ୍ଟ ହଦିସ୍‌ର ବର୍ଣ୍ଣନାକାରୀମାନଙ୍କର କ୍ରମ ଉଲ୍ଲିଖିତ ଅଛି । ଏପରିକି ବର୍ଣ୍ଣନାକାରୀମାନଙ୍କ ଚରିତ୍ରକୁ ଅଧ୍ୟୟନ କରି ଓ ସେମାନଙ୍କ ସତ୍ୟତା ଉପରେ କିପରି ଭରସା କରାଯାଇ ପାରେ ଯାହାର ନିର୍ଭରଯୋଗ୍ୟତା ସମ୍ବନ୍ଧରେ ଅଗଣିତ କଥା ଲେଖା ସରିଛି । ଏହା ଫଳରେ ହଦିସ୍‌ର ବିଶ୍ଳେଷଣକୁ କେନ୍ଦ୍ର କରି ପ୍ରଥମଥର ପାଇଁ ମାନବ ଇତିହାସରେ ଏକ ନୂତନ ପ୍ରକାରର ଜ୍ଞାନ ଉଦୟ ହୋଇଛି ।

ଇସ୍‌ଲାମ୍ ଧର୍ମ ସମ୍ବନ୍ଧରେ ଅତି ଅଳ୍ପ ଜାଣିଥିବା ପାଠକମାନଙ୍କ ସୁବିଧା ପାଇଁ ଆମେମାନେ ଏଠାରେ ଉଲ୍ଲେଖ କରିବା ପ୍ରୟୋଜନ ମନେ କରୁଅଛୁଁ ଯେ ହଦିସ୍ ଉପରେ ଲେଖାଯାଇଥିବା ବହୁ ସଂଖ୍ୟକ ପୁସ୍ତକ ଭିତରୁ କେବଳ ଛଅ ଗୋଟି ପୁସ୍ତକ ଉପରେ ମୁସଲମାନ ପଣ୍ଡିତମାନେ ଅସାଧାରଣ ଗୁରୁତ୍ୱ ଆରୋପ କରନ୍ତି । ତାହା 'ସିହାସିତା' (ଛଅ ପ୍ରାମାଣିକ ପୁସ୍ତକ) ଭାବେ ପରିଚିତ । ଏହି କ୍ଷୁଦ୍ର ସଂଗ୍ରହରେ ଉପସ୍ଥାପିତ ହଦିସ୍ ମଧ୍ୟରୁ ଅଧିକାଂଶ ସେହି ଛଅଗୋଟି ପୁସ୍ତକ ମଧ୍ୟରୁ ଅଣାଯାଇଛି । ସେହି ପୁସ୍ତକଗୁଡ଼ିକର ଓ ସେ ସବୁକୁ ସଂକଳନ କରିଥିବା ପଣ୍ଡିତମାନଙ୍କର ସଂକ୍ଷିପ୍ତ ପରିଚୟ ନିମ୍ନରେ ଦିଆଗଲା ।

## ସହି ବୁଖାରି

ପବିତ୍ର କୁରଆନ ପରେ ଏହି ପୁସ୍ତକଟିକୁ ସବୁଠାରୁ ଅଧିକ ପ୍ରାମାଣିକ ପୁସ୍ତକ ବୋଲି ବିଚାର କରାଯାଏ । ବୁଖାରାର ମୁହମ୍ମଦ ଇସ୍‌ମାଇଲ ହେଉଛନ୍ତି ଏହି ପୁସ୍ତକର ସଂକଳକ । ସାଧାରଣ ଭାବେ ସେ ଇମାମ ବୁଖାରି ଭାବେ ପରିଚିତ । **(ହିଜ୍ରି ୧୯୪ - ୨୫୬)**

## ସହି ମୁସଲିମ

ଗୁରୁତ୍ୱ ଦୃଷ୍ଟିରୁ 'ସହି ମୁସଲିମ'କୁ ଦ୍ୱିତୀୟ ପ୍ରଧାନ ପୁସ୍ତକ ରୂପେ ଗଣନା କରାଯାଏ । ଖୁରାସାନ ପ୍ରଦେଶର ନେସାପୁର ବାସିନ୍ଦା ହଜରତ ମୁସ୍‌ଲିମ୍ ବିନ୍ ଅଲ୍ ହଜାଜ୍ ଏହାର ସଂକଳକ ।
**(ହିଜ୍ରି ୨୦୨-୨୬୧)**

## ଜାମି ଅତ୍ ତିର୍‌ମିଜି

ପ୍ରାଧାନ୍ୟ କ୍ରମେ ତୃତୀୟଟି ହେଉଛି 'ଜାମି ଅତ୍ ତିର୍‌ମିଜି' । ସଂକଳକ ହଜରତ ଇମାମ୍ ମୁହମ୍ମଦ ବିନ୍ ଇସା ହେଉଛନ୍ତି ତିର୍‌ମିଜିର ବାସିନ୍ଦା । **(ହିଜ୍ରି ୨୦୯-୨୭୯)**

## ସୁନନ୍ ଅବୁ ଦାଉଦ୍

ତା'ପରେ ହେଉଛି 'ସୁନନ୍ ଅବୁ ଦାଉଦ୍' । ଏହାକୁ ହଜରତ ସୁଲେମାନ୍ ବିନ୍ ଅଲ୍ ଅସାଅତ୍ ସଂକଳନ କରିଛନ୍ତି । ସେ ଅବୁ ଦାଉଦ୍ ଭାବରେ ପରିଚିତ । **(ହିଜ୍ରି ୨୦୨-୨୭୫)**

## ସୁନନ୍ ଇବ୍ନ ମାଜା

ପ୍ରାମାଣିକତା ଦୃଷ୍ଟିରୁ ପଞ୍ଚମଟି ହେଉଛି 'ସୁନନ୍ ଇବ୍ନ ମାଜା' । ହଜରତ ମୁହମ୍ମଦ୍ ବିନ୍ ମାଜା ଏହାକୁ ସଂକଳନ କରିଛନ୍ତି । ସେ ଇରାକର ପ୍ରସିଦ୍ଧ ନଗରୀ ଫିଜୱିନର ନିବାସୀ । **(ହିଜ୍ରି ୨୦୯-୨୭୫)**

## ସୁନନ୍ ନିସାଇ

ଷଷ୍ଠ ପୁସ୍ତକଟି ହେଉଛି 'ସୁନନ୍ ନିସାଇ' । ହଜରତ ଅହମଦ୍ ବିନ୍ ସୁଏବ ଏହାକୁ ସଂକଳନ କରିଛନ୍ତି । ତାଙ୍କୁ ଖୋରାସାନର ନିସା ନଗରର ନାମାନୁସାରେ 'ନିସାଇ' ବୋଲି କୁହାଯାଏ । **(ହିଜ୍ରି ୨୧୫-୩୦୬)**

## ମୁଓ୍ୱାତ୍ତା ଇମାମ୍ ମାଲିକ

'ସିହାସିତା' (ଛଅ ପ୍ରାମାଣିକ ପୁସ୍ତକ) ବ୍ୟତୀତ 'ମୁଓ୍ୱାତ୍ତା ଇମାମ ମାଲିକ' ନାମକ ବର୍ଣ୍ଣନା ସମୂହର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଂକଳନ ଅଛି । ଏହାର ସଂକଳକ ହଜରତ ମାଲିକ ବିନ୍ ଅନସ୍ । ସେ 'ଇମାମ୍ ମାଲିକ' ନାମରେ ସାଧାରଣରେ ପରିଚିତ । ବିଶେଷତଃ ଆଇନଗତ ସମସ୍ୟାଗୁଡ଼ିକର ଆଲୋଚନାରେ ହଦିସ୍ ଉଦ୍ଧୃତ ହେଉଥିବାରୁ ଏହାକୁ ଏକ ଆଇନ ଶାସ୍ତ୍ର ହିସାବରେ ଗଣାଯାଏ ଓ ସେହି କାରଣରୁ ଏହାକୁ ସିହାସିତା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ ।

ମୁଓ୍ୱାତ୍ତା ଇମାମ ମାଲିକରେ ଥିବା ବର୍ଣ୍ଣନା ସମ୍ପୂର୍ଣ୍ଣ ଭାବେ 'ସହି ବୁଖାରି' ଓ 'ସହି ମୁସଲିମ୍'ରେ ଥିବା ଦୃଷ୍ଟିରୁ ସେଗୁଡ଼ିକ ଅତ୍ୟନ୍ତ ନିର୍ଭରଯୋଗ୍ୟ । ହଦିସ୍‌ର ସଂକଳକମାନଙ୍କ ମଧ୍ୟରେ ଇମାମ୍ ମାଲିକଙ୍କ ସ୍ଥାନ ଏତେ ଉଚ୍ଚରେ ଯେ ସେ ଇମାମୁଲ୍ ମୁହଦ୍ଦସିନ୍ (ସଂକଳକ ଅଧିନାୟକ) ନାମରେ ପରିଚିତ ଏବଂ ସମସ୍ତ ସଂକଳକ ତାଙ୍କର ସେହି ଉଚ୍ଚ ଆସନର ସାକ୍ଷୀ ।

# ଅଭିପ୍ରାୟ ଓ କାର୍ଯ୍ୟ

١۔ حَدَّثَنَا الْحُمَيْدِيُّ قَالَ حَدَّثَنَا سُفْيَانُ قَالَ حَدَّثَنَا يَحْيَى بْنُ سَعِيْدٍ الْأَنْصَارِيُّ قَالَ اَخْبَرَنِيْ مُحَمَّدُ بْنُ اِبْرَاهِيْمَ التَّيْمِيُّ اَنَّهٗ سَمِعَ عَلْقَمَةَ بْنَ وَقَّاصٍ اللَّيْثِيَّ يَقُوْلُ سَمِعْتُ عُمَرَ بْنَ الْخَطَّابِ رَضِيَ اللّٰهُ عَنْهُ عَلَى الْمِنْبَرِ قَالَ سَمِعْتُ رَسُوْلَ اللّٰهِ صَلَّى اللّٰهُ عَلَيْهِ وَسَلَّمَ يَقُوْلُ: اِنَّمَا الْاَعْمَالُ بِالنِّيَّاتِ، وَاِنَّمَا لِكُلِّ امْرِئٍ مَّا نَوٰى فَمَنْ كَانَتْ هِجْرَتُهٗ اِلَى اللّٰهِ وَرَسُوْلِهٖ فَهِجْرَتُهٗ اِلَى اللّٰهِ وَرَسُوْلِهٖ وَمَنْ كَانَتْ هِجْرَتُهٗ لِدُنْيَا يُصِيْبُهَا اَوِامْرَأَةٍ يَنْكِحُهَا فَهِجْرَتُهٗ اِلٰى مَا هَاجَرَ اِلَيْهِ۔

1. ମଞ୍ଚ ଉପରେ ଭାଷଣ ଦେଉଥିବା ବେଳେ ପବିତ୍ର ଅବତାର[ସଅ] ନିମ୍ନୋକ୍ତ ବିଷୟ ବର୍ଣ୍ଣନା କରିଥିବାର ଉମର[ରଅ] ଶୁଣିଛନ୍ତି :

"ଅଭିପ୍ରାୟ ଦ୍ୱାରା ହିଁ କାର୍ଯ୍ୟଗୁଡ଼ିକୁ ନିରୂପଣ କରାଯାଏ । ମଣିଷ ଯାହା ପ୍ରକୃତରେ ଋହେଁ ତାହା ହିଁ ପାଏ । ଯେ ପ୍ରକୃତରେ ଅଲ୍ଲାଃ ଓ ତାଙ୍କ ବାର୍ତ୍ତାବହଙ୍କ ନିକଟକୁ ପ୍ରତ୍ୟାର୍ପିତ ହେବାକୁ ଋହେଁ ଅର୍ଥାତ ନିଜ ସ୍ଥାନ ତ୍ୟାଗ କରିବାକୁ ଚାହେଁ, ତାକୁ ସେଇ ବାଟରେ କଢ଼େଇ ନିଆଯାଏ । କିନ୍ତୁ ସେ ସାଂସାରିକ ବିଷୟ ଖୋଜିବାକୁ ସ୍ଥାନାନ୍ତରିତ ହୁଏ, ତାକୁ ତାହା ହିଁ ମିଳେ । ଯଦି ଜଣେ ପୁରୁଷ ଜଣେ ନାରୀକୁ ବିବାହ କରିବା ଉଦ୍ଦେଶ୍ୟରେ ନିଜ ସ୍ଥାନ ତ୍ୟାଗ କରେ, ତେବେ ସେଇ ନାରୀ ହିଁ ହେବ ତା'ର ପ୍ରାପ୍ୟ ।"

(ବୁଖାରି ଭାଗ କୈଫା କାନା ବଦଉଲ ଓହି)

٢۔ عَنْ عَبْدِ اللّٰهِ بْنِ عَمْرِ وبْنِ الْعَاصِ رَضِيَ اللّٰهُ عنه عَنِ النَّبِيِّ ﷺ قَالَ: اَلْمُسْلِمُ مَنْ سَلِمَ الْمُسْلِمُوْنَ مِنْ لِّسَانِهٖ وَيَدِهٖ وَالْمُهَاجِرُ مَنْ هَجَرَ مَا نَهَى اللّٰهُ عَنْهُ۔

(بخاری کتاب الایمان باب المسلم من سلم...)

**2.** ଅବଦୁଲ୍ଲାଃ ବିନ୍ ଉମର[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହି ପ୍ରକାରେ କହିବାର ସେ ଶୁଣିଛନ୍ତି :

"ସେଇ ହେଉଛି ଖାଣ୍ଟି ମୁସଲମାନ ଯାହାର କଥା ଓ କାର୍ଯ୍ୟରୁ ଅନ୍ୟ ମୁସଲମାନମାନେ ନିରାପଦରେ ରହନ୍ତି । ସେଇ ହେଉଛି ପ୍ରକୃତ ସ୍ୱଦେଶ ତ୍ୟାଗୀ ଯେ ଅଲ୍ଲାଃ ନିଷିଦ୍ଧ କରିଥିବା ଦ୍ରବ୍ୟକୁ ପରିତ୍ୟାଗ କରେ ।"

(ବୁଖାରି କିତାବୁଲ ଇମାନ)

# ସମ୍ମାନାସ୍ପଦ ପ୍ରଭୁଙ୍କ ମହିମା

٣۔ عَنْ عَبْدِ اللّٰہِ بْنِ عُمَرَ رَضِیَ اللّٰہُ تَعَالٰی عَنْہُمَا قَالَ قَرَأَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ ھٰذِہِ الْاٰیَۃَ وَھُوَ عَلَی الْمِنْبَرِ : وَالسَّمٰوٰتُ مَطْوِیّٰتٌ بِیَمِیْنِہٖ ، سُبْحَانَہٗ وَتَعَالٰی عَمَّا یُشْرِکُوْنَ۔ قَالَ یَقُوْلُ اللّٰہُ اَنَا الْجَبَّارُ، اَنَا الْمُتَکَبِّرُ، اَنَا الْمَلِکُ، اَنَا الْمُتَعَالُ یُمَجِّدُ نَفْسَہٗ قَالَ فَجَعَلَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ یُرَدِّدُھَا، حَتّٰی رَجِفَ بِہَا الْمِنْبَرُ حَتّٰی ظَنَنَّا اَنَّہٗ سَیَخِرُّ بِہٖ۔

(مسند احمد جلد ٢ صفحہ ٨٨)

**3.** ଅବଦୁଲ୍ଲାଃ ବିନ୍ ଉମର[ରଅ] ବର୍ଣ୍ଣନା କରୁଛନ୍ତି ଯେ ଏକ ଜୁମା ନମାଜର ଅଭିଭାଷଣ ଦେବାବେଳେ ମଞ୍ଚ ଉପରୁ ପବିତ୍ର ଅବତାର[ସଅ] ଏହିପରି କହିଥିଲେ :

"ସ୍ୱର୍ଗସବୁ ତାଙ୍କ ଡ଼ାହାଣ ହାତ ମୁଠାରେ । ସେ ହିଁ ପବିତ୍ର ଓ ସେମାନେ ଯେପରି ମୂର୍ତ୍ତିପୂଜାରେ ଲିପ୍ତ ଅଛନ୍ତି, ସେ ତା'ଠାରୁ ବହୁ ଉର୍ଦ୍ଧ୍ୱରେ ।" ମହାଭାଗ ଆହୁରି କହିଲେ ଯେ ସର୍ବଶକ୍ତିମାନ ଅଲ୍ଲାଃ କହିଛନ୍ତି : "ସଂସ୍କାର ଆଣିବାର ସମସ୍ତ ଶକ୍ତି ମୋର ଅଛି । ମୁଁ ମୋର ମହାନତା ସମ୍ବନ୍ଧରେ ସଚେତନ, ମୁଁ ସର୍ବେସର୍ବା ଓ ସର୍ବୋଚ୍ଚ ମହିମାର ଅଧିକାରୀ ।" ସେ ଏତେ ଜୋରରେ ଏହି ଶବ୍ଦମାନ ଆବୃତ୍ତି କଲେ ଯେ

ମଞ୍ଚ କମ୍ପିବାକୁ ଲାଗିଲା ଏବଂ କାଳେ ମଞ୍ଚ ଭାଙ୍ଗି ପଡ଼ିବ, ସେଥିପାଇଁ ଆମେ ଆତଙ୍କିତ ହୋଇ ପଡ଼ିଲୁ ।

(ମସନଦ ଅହମଦ, ଖଣ୍ଡ ୨, ପୃଷ୍ଠା ୮୮)

۴- عَنْ اَبِیْ هُرَیْرَةَ رَضِیَ اللّٰهُ عنه قَالَ: قَالَ النَّبِیُّ ﷺ كَلِمَتَانِ حَبِیْبَتَانِ اِلَی الرَّحْمَانِ خَفِیْفَتَانِ عَلَی اللِّسَانِ ثَقِیْلَتَانِ فِی الْمِیْزَانِ: سُبْحَانَ اللّٰهِ وَبِحَمْدِهٖ سُبْحَانَ اللّٰهِ الْعَظِیْمِ۔

4. ଅବୁ ହୁରେରାଃ[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ଦୁଇଟି ବାକ୍ୟ ଦୟାବାନ ପରଂବ୍ରହ୍ମ (ଅର୍ଥାତ୍ ଅଲ୍ଲାଃ)ଙ୍କର ଅତି ପ୍ରିୟ । କହିବାକୁ ତାହା ହାଲୁକା, ମାତ୍ର ତତ୍ତ୍ୱ ଦୃଷ୍ଟିରୁ ଖୁବ୍ ଓଜନଦାର । ତାହା ହେଉଛି : "ଅଲ୍ଲାଃ ତାଙ୍କର ସମସ୍ତ ଗୌରବ ନେଇ ସମୁନ୍ନତ । ଅଲ୍ଲାଃ ତାଙ୍କର ସମସ୍ତ ମହିମାକୁ ନେଇ ସମୁନ୍ନତ ।"

"ସୁବ୍‌ହାନ୍ ଅଲ୍ଲାଃ ଓ ବେହମ୍‌ଦେହି
ସୁବ୍‌ହାନ୍ ଅଲ୍ଲାଃ ହିଲ୍ ଅଜିମ୍ ।"

(ବୁଖାରି)

# ଏକେଶ୍ୱରବାଦ

۵- عَنْ هَمَّامِ بْنِ مُنَبِّهٍ قَالَ هٰذَا مَا حَدَّثَنَا بِهٖ اَبُوْ هُرَیْرَةَ رضی الله عنه عَنْ رَسُوْلِ اللّٰهِ صَلَّی اللّٰهُ عَلَیْهِ وَسَلَّمَ قَالَ اللّٰهُ عَزَّ وَجَلَّ كَذَّبَنِیْ عَبْدِیْ وَلَمْ یَكُنْ لَّهٗ ذٰلِكَ، وَشَتَمَنِیْ وَلَمْ یَكُنْ لَّهٗ ذٰلِكَ، تَكْذِیْبُهٗ اِیَّایَ اَنْ یَّقُوْلَ فَلَنْ یُّعِیْدَنَا كَمَا بَدَاَنَا، وَاَمَّا شَتْمُهٗ اِیَّایَ یَقُوْلُ اِتَّخَذَ اللّٰهُ وَلَدًا، وَاَنَا الصَّمَدُ الَّذِیْ لَمْ اَلِدْ وَلَمْ اُوْلَدْ، وَلَمْ یَكُنْ لِّیْ كُفُوًا اَحَدٌ۔ (مسند احمد جلد ۲ صفحه ۳۱۷)

**5.** **ଅବୁ ହୁରେରାଃ[ରଅ] ବର୍ଣ୍ଣନା କରୁଛନ୍ତି ଯେ ସର୍ବଶକ୍ତିମାନ ଅଲ୍ଲାଃ ନିମ୍ନୋକ୍ତ ଭାବେ କହିଥିବାର ପବିତ୍ର ଅବତାର[ସଅ] ଉଲ୍ଲେଖ କରିଛନ୍ତି :**

"ମୋର ଭକ୍ତ ମୋତେ ପ୍ରତ୍ୟାଖ୍ୟାନ କରେ, ଯାହାକି ତା'ପକ୍ଷରେ ଶୋଭନୀୟ ନୁହେଁ । ସେ ମୋତେ ଗାଳି ଦିଏ, ଯାହାକି ତା'ପକ୍ଷରେ ଶୋଭନୀୟ ନୁହେଁ, ତା'ର ପ୍ରତ୍ୟାଖ୍ୟାନର କାରଣ ହେଉଛି ଯେ ତା'ର କହିବା ଅନୁସାରେ ସର୍ବଶକ୍ତିମାନ ଅଲ୍ଲାଃ ଥରେ ତାକୁ ସୃଷ୍ଟିକରି (ତା'ର ମୃତ୍ୟୁପରେ) ସେ ତାକୁ ପୁନର୍ଜୀବିତ କରିବେ ନାହିଁ ଏବଂ ତା'ର ଗାଳିଦେବାର କାରଣ ହେଉଛି ଯେ ତା'ର ଦାବି ଅନୁସାରେ ଅଲ୍ଲାଃ ନିଜ ପାଇଁ ଏକ ପୁତ୍ର ଗ୍ରହଣ କରିଛନ୍ତି ଯେବେ କି ମୁଁ ଆତ୍ମ ନିର୍ଭରଶୀଳ ଓ ମୋ ଉପରେ ଅନ୍ୟ ସମସ୍ତେ ନିର୍ଭର କରନ୍ତି । ମୁଁ କଦାପି ପ୍ରସବ କରି ନାହିଁ କି ପ୍ରସବ ହୋଇନାହିଁ ଏବଂ ମୋ ପରି କେହି କେବେ ନଥିଲେ ।

(ମସନଦ୍ ଅହମଦ, ଖଣ୍ଡ ୨, ପୃ ୩୧୭)

# ଅଲ୍ଲାଃଙ୍କୁ ସ୍ମରଣ

٢- عَنْ جَابِرٍ رَضِيَ اللهُ عَنْهُ قَالَ: سَمِعْتُ رَسُوْلَ اللهِ صَلَّى اللهُ عَلَيْهِ وَسَلَّمَ يَقُوْلُ: اَفْضَلُ الذِّكْرِ: لَآ اِلٰهَ اِلَّا اللهُ وَاَفْضَلُ الدُّعَاءِ اَلْحَمْدُ لِلّٰهِ۔

**(ترمذی کتاب الدعوات باب دعوة المسلم مستجابة)**

**6.** **ଜାବିର[ରଅ]ଙ୍କ ବର୍ଣ୍ଣନାରୁ ଜଣାଯାଏ ଯେ ପବିତ୍ର ଅବତାର[ସଅ] ଏହି ରୂପେ କହିଛନ୍ତି :**

ନିମ୍ନୋକ୍ତ ପ୍ରକାରେ ଘୋଷଣା କରିବା ହେଉଛି ଅଲ୍ଲାଃଙ୍କୁ ସ୍ମରଣ କରିବାର ସର୍ବୋତ୍କୃଷ୍ଟ ପନ୍ଥା : "ଅଲ୍ଲାଃଙ୍କ ବିନା ଆଉ କେହି ଉପାସନାର ଯୋଗ୍ୟ ନାହିଁ" ଏବଂ ସର୍ବଶ୍ରେଷ୍ଠ ବିନୀତ ପ୍ରାର୍ଥନା ହେଉଛି : "ଅଲ୍ଲାଃ ହିଁ ସକଳ ପ୍ରଶଂସାର ପାତ୍ର ।"

(ତିର୍ମିଜି, କିତାବୁତ ଦାୱାତ)

٧- عَنْ اَبِیْ مُوْسَی الْاَشْعَرِیِّ رَضِیَ اللهُ عَنْهُ عَنِ النَّبِیِّ صَلَّی اللهُ عَلَیْهِ وَسَلَّمَ قَالَ : مَثَلُ الَّذِیْ یَذْکُرُ رَبَّهٗ وَالَّذِیْ لَا یَذْکُرُهٗ مَثَلُ الْحَیِّ وَالْمَیِّتِ ۔ وَرَوَاهُ مُسْلِمٌ: فَقَالَ: مَثَلُ الْبَیْتِ الَّذِیْ یُذْکَرُ اللهُ فِیْهِ وَالْبَیْتِ الَّذِیْ لَا یُذْکَرُ اللهُ فِیْهِ مَثَلُ الْحَیِّ وَالْمَیِّتِ ۔

(بخاری کتاب الدعوات باب فضل ذکر الله تعالیٰ ۔)

**7.** ଅବୁ ମୁସା ଅଲ୍-ଅସାରୀ[ରଅ]ଙ୍କ ବର୍ଣ୍ଣନାରୁ ଜଣାଯାଏ ଯେ ପବିତ୍ର ଅବତାର[ସଅ] ଏହି ରୂପେ କହିଛନ୍ତି :

"ଅଲ୍ଲାଃଙ୍କୁ ସ୍ମରଣ କରୁଥିବା ଲୋକ ଏବଂ ସ୍ମରଣ କରୁନଥିବା ଲୋକ ଯଥାକ୍ରମେ ଜୀବିତ ଓ ମୃତ ଲୋକଙ୍କ ସହିତ ସମାନ । ଯେଉଁ ଗୃହରେ ଅଲ୍ଲାଃଙ୍କୁ ସ୍ମରଣ କରାଯାଏ ଓ ଯେଉଁ ଗୃହରେ ଅଲ୍ଲାଃଙ୍କୁ ସ୍ମରଣ କରାଯାଏ ନାହିଁ ସେ ଉଭୟ ଯଥାକ୍ରମେ ଜୀବିତ ଓ ମୃତ ସହିତ ତୁଳନୀୟ ।"

(ବୁଖାରି କିତାବୁତ ଦାଓ୍ୱାତ)

٨- عَنْ اَبِیْ مُوْسٰی رَضِیَ اللهُ عَنْهُ قَالَ: کُنَّا مَعَ النَّبِیِّ صَلَّی اللهُ عَلَیْهِ وَسَلَّمَ فِیْ سَفَرٍ فَجَعَلَ النَّاسُ یَجْهَرُوْنَ بِالتَّکْبِیْرِ فَقَالَ النَّبِیُّ صَلَّی اللهُ عَلَیْهِ وَسَلَّمَ : اَیُّهَا النَّاسُ ارْبَعُوْا عَلٰی اَنْفُسِکُمْ اِنَّکُمْ لَسْتُمْ تَدْعُوْنَ أَصَمَّ وَلَا غَائِبًا اِنَّکُمْ تَدْعُوْنَ سَمِیْعًا قَرِیْبًا وَهُوَ مَعَکُمْ ۔

(مسلم کتاب الذکر استحباب خفض الصوت بالذکر)

**8.** ଅବୁ ମୁସା[ରଅ] ବର୍ଣ୍ଣନା କରିଛନ୍ତି :

ଏକଦା ପବିତ୍ର ଅବତାର[ସଅ]ଙ୍କ ଗହଣରେ ଆମେ ଯାତ୍ରା କରୁଥିବାବେଳେ ଲୋକମାନେ ଖୁବ୍ ଉଚ୍ଚ ସ୍ୱରରେ କହିବାକୁ ଲାଗିଲେ: "ଅଲ୍ଲାଃ ହୋ ଅକବର" (ଅଲ୍ଲାଃ ହିଁ ସର୍ବଶ୍ରେଷ୍ଠ) । ପବିତ୍ର ଅବତାର[ସଅ] କହିଲେ: "ହେ ଲୋକମାନେ ! ମଧ୍ୟମ ପନ୍ଥା

ଅବଲମ୍ବନ କର । ତୁମେମାନେ ଯାହାଙ୍କୁ ସମ୍ବୋଧନ କରୁଛ ସେ ବଧିର ନୁହନ୍ତି କି ଅନୁପସ୍ଥିତ ନାହାନ୍ତି । ତୁମେମାନେ ଯାହାକୁ ଡ଼ାକୁଛ, ସେ ମହାନ୍ ଶ୍ରୋତା, ସର୍ବତ୍ର ବିଦ୍ୟମାନ ଓ ତୁମମାନଙ୍କ ସହିତ ଅଛନ୍ତି ।”

(ମୁସଲିମ୍, କିତାବୁଜ୍ ଜିକର)

୭- عَنْ اَبِیْ هُرَيْرَةَ عَنِ النَّبِيِّ صَلَّى اللهُ عَلَيْهِ وَسَلَّمَ قَالَ: اِنَّ لِلّٰهِ تَبَارَكَ وَتَعَالٰى مَلَائِكَةً سَيَّارَةً فُضُلًا يَتَّبِعُوْنَ مَجَالِسَ الذِّكْرِ فَاِذَا وَجَدُوْا مَجْلِسًا فِيْهِ ذِكْرٌ قَعَدُوْا مَعَهُمْ وَحَفَّ بَعْضُهُمْ بَعْضًا بِاَجْنِحَتِهِمْ حَتّٰى يَمْلَؤُا مَا بَيْنَهُمْ وَبَيْنَ السَّمَآءِ الدُّنْيَا فَاِذَا تَفَرَّقُوْا عَرَجُوْا وَصَعِدُوْا اِلَى السَّمَآءِ قَالَ: فَيَسْأَلُهُمُ اللهُ عَزَّ وَجَلَّ وَهُوَ اَعْلَمُ بِهِمْ مِنْ اَيْنَ جِئْتُمْ فَيَقُوْلُوْنَ جِئْنَا مِنْ عِنْدِ عِبَادٍ لَكَ فِي الْاَرْضِ يُسَبِّحُوْنَكَ وَيُكَبِّرُوْنَكَ وَيُهَلِّلُوْنَكَ وَيَحْمِدُوْنَكَ وَيَسْئَلُوْنَكَ، قَالَ : وَمَاذَا يَسْأَلُوْنِيْ؟ قَالُوْا : يَسْئَلُوْنَكَ جَنَّتَكَ قَالَ وَهَلْ رَأَوْا جَنَّتِيْ؟ قَالُوْا : لَا اَيْ رَبِّ، قَالَ : فَكَيْفَ لَوْ رَأَوْا جَنَّتِيْ، قَالُوْا : وَيَسْتَجِيْرُوْنَكَ قَالَ : وَمِمَّا يَسْتَجِيْرُوْنَنِيْ؟ قَالُوْا : مِنْ نَارِكَ يَارَبِّ، قَالَ وَهَلْ رَأَوْا نَارِيْ؟ قَالُوْا: لَا، قَالَ: فَكَيْفَ لَوْ رَأَوْا نَارِيْ ؟ قَالَ وَيَسْتَغْفِرُوْنَكَ قَالَ : فَيَقُوْلُ قَدْ غَفَرْتُ لَهُمْ فَاَعْطَيْتُهُمْ مَا سَأَلُوْا وَاَجَرْتُهُمْ مِمَّا اِسْتَجَارُوْا قَالَ فَيَقُوْلُوْنَ رَبِّ فِيْهِمْ فُلَانٌ عَبْدٌ خَطَّاءٌ اِنَّمَا مَرَّ فَجَلَسَ مَعَهُمْ، قَالَ : فَيَقُوْلُ : وَلَهٗ غَفَرْتُ هُمُ الْقَوْمُ لَا يَشْقٰى بِهِمْ جَلِيْسُهُمْ -

(مسلم كتاب الذكر باب فضل مجالس الذكر)

୧. ଅବୁ ହୁରେରାଃ[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ଅଲ୍ଲାଃଙ୍କର ଏପରି କେତେକ ଉଚ୍ଚପଦସ୍ଥ ଦେବଦୂତ ଅଛନ୍ତି, ଯେଉଁମାନେ ଅଲ୍ଲାଃଙ୍କୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏକତ୍ର ହେଉଥିବା ଲୋକଙ୍କୁ ସବୁବେଳେ ଖୋଜୁଥାନ୍ତି । ସର୍ବଶକ୍ତିମାନ ଅଲ୍ଲାଃଙ୍କର ସ୍ମରଣରେ ଲିପ୍ତ ଥିବା କୌଣସି ସଭା ଖୋଜି ପାଇଲେ, ସେମାନେ ସେମାନଙ୍କ ଡ଼େଣା ବିସ୍ତାର କରି ସଭାସ୍ଥିତ ଲୋକଙ୍କ ସହିତ ଯୋଗ ଦିଅନ୍ତି ଏବଂ ପୃଥିବୀ ଓ ନିକଟତମ ସ୍ୱର୍ଗର ମଧ୍ୟରେ ଥିବା ସ୍ଥାନ ପୂରଣ ହେବା ପର୍ଯ୍ୟନ୍ତ ସେମାନେ ଜଣକ ପରେ ଜଣେ ଅବସ୍ଥାନ କରୁଥାନ୍ତି । (ଦ୍ରଷ୍ଟବ୍ୟ : ସଭା ଉପରେ ପରଂବ୍ରହ୍ମଙ୍କର ଚିର ବର୍ଦ୍ଧିଷ୍ଣୁ ଆଶୀର୍ବାଦର ଏହା ଏକ ଆଲଙ୍କାରିକ ଅଭିବ୍ୟକ୍ତି ଏବଂ ଏହାକୁ ଆକ୍ଷରିକ ଭାବରେ ଗ୍ରହଣ କରିବା ଉଚିତ ନୁହେଁ) । ଲୋକମାନେ ଚାଲିଗଲେ ସେମାନେ ମଧ୍ୟ ସ୍ୱଗକୁ ଫେରିଯାନ୍ତି । ସର୍ବଶକ୍ତିମାନ (ଅଲ୍ଲାଃ) ସବୁ ଘଟଣା ଜାଣି ମଧ୍ୟ ତା'ପରେ ସେମାନଙ୍କୁ ପଚାରନ୍ତି "ତୁମେମାନେ କେଉଁଠୁ ଆସିଲ ?" ସେମାନେ କହନ୍ତି "ଆମେମାନେ ଆପଣଙ୍କର ଏପରି କେତେକ ଭକ୍ତଙ୍କ ନିକଟରୁ ଆସିଲୁ ଯେଉଁମାନେ କି ଆପଣଙ୍କ ପ୍ରଶଂସା କରୁଥିଲେ ଓ ଆପଣଙ୍କୁ ବିନୀତ ପ୍ରାର୍ଥନା କରୁଥିଲେ ।" ତା'ପରେ ସର୍ବଶକ୍ତିମାନ ପଚାରନ୍ତି, "ସେମାନେ ମୋ ଠାରୁ କ'ଣ ମାଗୁଥିଲେ ?" ଦେବଦୂତମାନେ କହନ୍ତି, "ସେମାନେ ଆପଣଙ୍କ ଠାରୁ ଆପଣଙ୍କ ବୈକୁଣ୍ଠ ମାଗୁଥିଲେ ।" ତା'ପରେ ଅଲ୍ଲାଃ ପଚାରନ୍ତି, "ସେମାନେ ବୈକୁଣ୍ଠ ଦେଖିଛନ୍ତି କି ?" ଦେବଦୂତମାନେ ଉତ୍ତର ଦିଅନ୍ତି, "ନା ପ୍ରଭୁ, ସେମାନେ ବୈକୁଣ୍ଠ ଦେଖି ନାହାନ୍ତି ।" ଅଲ୍ଲାଃ କହନ୍ତି, "ଆହା ! ସେମାନେ ମୋର ବୈକୁଣ୍ଠ ଦେଖିଥିଲେ କଣ ମାଗି ଥାଆନ୍ତେ ?" ଦେବଦୂତମାନେ ପୁଣି କୁହନ୍ତି, "ସେମାନେ ତୁମର ଶରଣ ଭିକ୍ଷା କରୁଥିଲେ ।" ଅଲ୍ଲାଃ ପଚାରନ୍ତି "ସେମାନେ କେଉଁଥିରୁ ନିବୃତ୍ତ ରହିବା ନିମନ୍ତେ ମୋ ଶରଣ ଭିକ୍ଷା କରୁଥିଲେ ?" ସେମାନେ ଉତ୍ତର ଦିଅନ୍ତି "ଆପଣଙ୍କ ଅଗ୍ନିକୁ ।" ଅଲ୍ଲାଃ ପଚାରନ୍ତି "ସେମାନେ ମୋର ଅଗ୍ନି ଦେଖିଛନ୍ତି କି ?" ଦେବଦୂତମାନେ ଉତ୍ତର ଦିଅନ୍ତି, "ନା ସେମାନେ ଦେଖି ନାହାନ୍ତି ।" ଅଲ୍ଲାଃ କହନ୍ତି, "ଆହା ! ସେମାନେ ମୋର ଅଗ୍ନି ଦେଖିଥା'ନ୍ତେ କି !" ତା'ପରେ ଦେବଦୂତମାନେ କହନ୍ତି, "ସେମାନେ ଆପଣଙ୍କ ନିକଟରେ କ୍ଷମା ମାଗୁଛନ୍ତି ।" ଅଲ୍ଲାଃ ଉତ୍ତର ଦିଅନ୍ତି, "ମୁଁ ସେମାନଙ୍କୁ ତାହା ଦେଇସାରିଛି ।" ତାପରେ ଦେବଦୂତମାନେ କହନ୍ତି, "ହେ ପ୍ରଭୁ ! ସେମାନଙ୍କ ଭିତରେ ଜଣେ ଅତିଶୟ ପାପୀ ଥିଲା । ସେ ସେଇବାଟେ ଯାଉଥିବାବେଳେ କ୍ଷଣକ ପାଇଁ ସେମାନଙ୍କ ସହିତ ବସି ପଡ଼ିଲା ।" ଅଲ୍ଲାଃ କହନ୍ତି, 'ତାକୁ ମଧ୍ୟ ମୁଁ କ୍ଷମା ଦେଇଛି । ସେମାନେ ଏତେ ପୁଣ୍ୟବାନ୍ ଯେ ସେମାନଙ୍କର ଗହଣରେ ଥିବା ଯେ କୌଣସି ବ୍ୟକ୍ତି କୃପା ଲାଭ ନକରି ରହିପାରିବ ନାହିଁ ।" (ମୁସ୍‌ଲିମ୍ କିତାବୁଜ୍ ଜିକର)

# ଈଶ୍ୱର ପ୍ରେମ

١٠- عَنْ اَبِي الدَّرْدَآءِ رَضِيَ اللهُ عَنْهُ قَالَ : قَالَ رَسُوْلُ اللهِ صَلَّى
اللهُ عَلَيْهِ وَسَلَّمَ : كَانَ مِنْ دُعَآءِ دَاوٗدَ عَلَيْهِ السَّلَامُ :
اَللّٰهُمَّ اِنِّيْ اَسْأَلُكَ حُبَّكَ وَحُبَّ مَنْ يُّحِبُّكَ وَالْعَمَلَ الَّذِيْ
يُبَلِّغُنِيْ حُبَّكَ، اَللّٰهُمَّ اجْعَلْ حُبَّكَ اَحَبَّ اِلَيَّ مِنْ نَّفْسِيْ وَاَهْلِيْ
وَمِنَ الْمَآءِ الْبَارِدِ (ترمذی کتاب الدعوات)

**10.** ଅବି ଦରଦା[ରଅ]ଙ୍କ ବର୍ଣ୍ଣନାରୁ ଜଣାଯାଏ ଯେ ଅବତାର ଦାଉଦ[ଅସ] ନିମ୍ନୋକ୍ତ ପ୍ରକାରେ ପ୍ରାର୍ଥନା କରୁଥିବାର ପବିତ୍ର ଅବତାର[ସଅ] କହିଛନ୍ତି :

"ହେ ପ୍ରଭୁ ! ମୋତେ ତୁମର ପ୍ରେମ ପ୍ରଦାନ କର ଏବଂ ଯେଉଁମାନେ ତୁମକୁ ପ୍ରେମ କରନ୍ତି ସେମାନଙ୍କର ପ୍ରେମ; ତଥା ଯେଉଁସବୁ କାର୍ଯ୍ୟ ଦ୍ୱାରା ତୁମର ପ୍ରେମ ଲାଭ କରିବା ପାଇଁ ମୁଁ ସକ୍ଷମ ହେବି ସେସବୁର ପ୍ରେମ ପ୍ରଦାନ କର । ହେ ପ୍ରଭୁ ! ତୁମରି ପ୍ରେମ ନିଜ ଜୀବନ ଅପେକ୍ଷା ଓ ମୋର ଆତ୍ମୀୟ ସ୍ୱଜନଙ୍କ ଅପେକ୍ଷା ମୋ ପାଇଁ ଅଧିକ ପ୍ରିୟ ହେଉ; ଏପରିକି (ପ୍ରଚଣ୍ଡ ରୌଦ୍ରତାପରେ ଜଣେ ତୃଷାର୍ତ୍ତ ବ୍ୟକ୍ତି ପାଇଁ ଉଦ୍ଦିଷ୍ଟ) ଶୀତଳ ଜଳଠାରୁ ମଧ୍ୟ ଅଧିକ ପ୍ରିୟ ହେଉ ।"

(ତିରମିଜି କିତାବୁତ ଦାଓ୍ୱତ)

١١- عَنْ اَنَسٍ رَضِيَ اللهُ عَنْهُ عَنِ النَّبِيِّ صَلَّى اللهُ عَلَيْهِ وَسَلَّمَ قَالَ :
ثَلَاثٌ مَنْ كُنَّ فِيْهِ وَجَدَ بِهِنَّ حَلَاوَةَ الْاِيْمَانِ : اَنْ يَّكُوْنَ
اللهُ وَرَسُوْلُهٗ اَحَبَّ اِلَيْهِ مِمَّا سِوَاهُمَا وَاَنْ يُّحِبَّ الْمَرْءَ
لَا يُحِبُّهٗ اِلَّا لِلّٰهِ، وَاَنْ يَّكْرَهَ اَنْ يَّعُوْدَ فِي الْكُفْرِ بَعْدَ اَنْ
اَنْقَذَهُ اللهُ مِنْهُ كَمَا يَكْرَهُ اَنْ يُّقْذَفَ فِي النَّارِ۔
(بخاری کتاب الایمان باب حلاوۃ الایمان)

**11.** ଅନସ୍[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] କହିଛନ୍ତି :

"କୌଣସି ବ୍ୟକ୍ତି ନିମ୍ନୋକ୍ତ ତିନୋଟି ଗୁଣର ଅଧିକାରୀ ହୋଇଥିଲେ, ସେଗୁଡ଼ିକ ତାକୁ ବିଶ୍ୱାସର ପ୍ରକୃତ ମାଧୁର୍ଯ୍ୟକୁ ସନ୍ଧାନ କରିବାରେ ସକ୍ଷମ କରାଯାଏ । ସେଗୁଡ଼ିକ ହେଉଛି (୧) ଅନ୍ୟ ଯେ କୌଣସି ବସ୍ତୁ ତୁଳନାରେ ଅଲ୍ଲାଃ ଓ ତାଙ୍କ ବାର୍ତ୍ତାବହ ତା'ପାଇଁ ଅଧିକ ପ୍ରିୟ (୨) ସେ କେବଳ ଅଲ୍ଲାଃଙ୍କ ପାଇଁ ହିଁ କୌଣସି ବ୍ୟକ୍ତିକୁ ଭଲ ପାଏ (୩) ସର୍ବଶକ୍ତିମାନ ଅଲ୍ଲାଃ ତାହାକୁ ଅବିଶ୍ୱାସ କରିବାରୁ ରକ୍ଷା କରିବା ପରେ ସେ ନରକ ଅଗ୍ନିକୁ ନିକ୍ଷିପ୍ତ ହେବାପାଇଁ ଯେତିକି ଘୃଣା କରେ ଠିକ୍ ସେତିକି ଅନିଚ୍ଛୁକ ହୋଇଥାଏ, ପୁଣି ଅବିଶ୍ୱାସ ଆଡ଼କୁ ଫେରିଯିବା ପାଇଁ ।"

(ବୁଖାରି କିତାବୁଲ ଇମାନ୍)

١٢- عَنْ اَبِیْ هُرَیْرَةَ رَضِیَ اللهُ عَنْهُ اَنَّ رَسُوْلَ اللهِ صَلَّى اللهُ عَلَیْهِ وَسَلَّمَ قَالَ: لَوْ یَعْلَمُ الْمُؤْمِنُ مَا عِنْدَ اللهِ مِنَ الْعُقُوْبَةِ مَا طَمِعَ بِجَنَّتِهٖ اَحَدٌ ، وَلَوْ یَعْلَمُ الْكَافِرُ مَا عِنْدَ اللهِ مِنَ الرَّحْمَةِ مَا قَنَطَ مِنْ جَنَّتِهٖ اَحَدٌ۔

(مسلم كتاب التوبة باب فی سعة رحمة الله)

**12.** ପବିତ୍ର ଅବତାର[ସଅ] କହିଥିବାର ସବୁ ହୁରେରାଃ[ରଅ] ବର୍ଣ୍ଣନା କରୁଛନ୍ତି :

"ଯଦି ଜଣେ ବିଶ୍ୱାସକାରୀ ପ୍ରକୃତରେ ଅଲ୍ଲାଃଙ୍କ ଦଣ୍ଡର ବ୍ୟାପକତା ଓ ପ୍ରଚଣ୍ଡତାକୁ ଜାଣିପାରେ, ତେବେ ସେ ସ୍ୱର୍ଗଲାଭର ସମସ୍ତ ଆଶା ହରାଇ ବସିବ ଏବଂ ଯଦି ଜଣେ ଅବିଶ୍ୱାସକାରୀ ଅଲ୍ଲାଃଙ୍କର ଅସୀମ କୃପାକୁ ଜାଣିପାରେ ତେବେ ସେ ସ୍ୱର୍ଗଲାଭ ଆଶା ଛାଡ଼ି ପାରିବ ନାହିଁ ।" (ମୁସଲିମ କିତାବୁତ୍ ତୌବାଃ)

١٣- عَنْ وَاثِلَةَ بْنِ الْاَسْقَعِ عَنِ النَّبِیِّ صَلَّى اللهُ عَلَیْهِ وَسَلَّمَ قَالَ قَالَ اللهُ تَبَارَكَ وَتَعَالٰی: اَنَا عِنْدَ ظَنِّ عَبْدِیْ بِیْ فَلْیَظُنَّ بِیْ مَاشَاءَ۔

(بخاری كتاب التوحید باب یحذركم الله نفسه ومسند دارمی باب حسن الظّنّ)

**13.** ପବିତ୍ର ଅବତାର[ସଅ] ନିମ୍ନୋକ୍ତ ମତେ କହିଥିବାର ଓ୍ୱାସିଲା[ରଅ] ବର୍ଣ୍ଣନା କରୁଛନ୍ତି ଯେ ସର୍ବଶକ୍ତିମାନ ଅଲ୍ଲାଃ ଏହି ରୂପେ କହିଛନ୍ତି :

"ମୋ ବିଷୟରେ ମୋ ଭକ୍ତର ଯେତିକି ଜ୍ଞାନ ଓ ମୋ ଠାରୁ ସେ ଯେତିକି ଆଶା କରେ ତଦନୁସାରେ ମୁଁ ତା ସହିତ ବ୍ୟବହାର କରେ । ସୁତରାଂ ସେ ନିଜ ଇଚ୍ଛା ଅନୁସାରେ ମୋ ସମ୍ବନ୍ଧରେ ଧାରଣା କରୁ ।"

(ବୁଖାରି କିତାବୁତ ତୌହିଦ୍)

۱۴- عَنْ اَبِىْ هُرَيْرَةَ رَضِىَ اللّٰهُ عَنْهُ عَنْ رَسُوْلِ اللّٰهِ صَلَّى اللّٰهُ عَلَيْهِ
وَسَلَّمَ اَنَّهُ قَالَ : قَالَ اللّٰهُ عَزَّ وَ جَلَّ : اَنَا عِنْدَ ظَنِّ عَبْدِىْ بِىْ
وَاَنَا مَعَهُ حَيْثُ يَذْكُرُنِىْ وَاللّٰهِ ! اَللّٰهُ اَفْرَحُ بِتَوْبَةِ عَبْدِهٖ مِنْ
اَحَدِكُمْ يَجِدُ ضَالَّتَهُ بِالْفَلَاةِ وَمَنْ تَقَرَّبَ اِلَىَّ شِبْرًا تَقَرَّبْتُ
اِلَيْهِ ذِرَاعًا ، وَمَنْ تَقَرَّبَ اِلَىَّ ذِرَاعًا تَقَرَّبْتُ اِلَيْهِ بَاعًا، وَاِذَا
اَقْبَلَ اِلَىَّ يَمْشِىْ اَقْبَلْتُ اِلَيْهِ اُهَرْوِلُ۔

(مسلم كتاب التوبة باب فى الحضّ على التوبة)

**14.** ଅବୁ ହୁରେରାଃ[ରଅ] ବର୍ଣ୍ଣନା କରିଛନ୍ତି ଯେ ସର୍ବଶକ୍ତିମାନ ଅଲ୍ଲାଃ ନିମ୍ନୋକ୍ତ ଭାବେ କହିଥିବାର ପବିତ୍ର ଅବତାର[ସଅ] ଜଣାଇଛନ୍ତି :

"ମୋ ସମ୍ବନ୍ଧରେ ମୋ ଭକ୍ତର ଯେତିକି ଜ୍ଞାନ ଅଛି ତଦନୁସାରେ ମୁଁ ତା'ସହିତ ବ୍ୟବହାର କରେ । ଯେତେବେଳେ ସେ ମୋତେ ସ୍ମରଣ କରେ ମୁଁ ତା ପାଖେ ପାଖେ ଥାଏ । ତୁମମାନଙ୍କ ଭିତରୁ କେହି ଜଣେ ଯଦି ତା'ର ଓଟଟିକୁ ମରୁ ପ୍ରାନ୍ତରରେ ହଜାଇ ଦେଇ ଅପ୍ରତ୍ୟାଶିତ ଭାବରେ ପୁଣି ହଠାତ୍ ପାଇଗଲେ ସେ ଯେତିକି ପ୍ରସନ୍ନ ହୁଏ, ଅନୁତାପକାରୀ ଭକ୍ତ ଉପରେ ଅଲ୍ଲାଃ ତା'ଠାରୁ ଅଧିକ ପ୍ରସନ୍ନ ହୁଅନ୍ତି ।" ଅଲ୍ଲାଃ କହନ୍ତି, "କୌଣସି ବ୍ୟକ୍ତି ମୋ ଆଡ଼କୁ ଚଖଣ୍ଡେ ଆସିଲେ ମୁଁ ତା'ଆଡ଼କୁ ହାତେ ଯାଏ ଓ ସେ ମୋ ଆଡ଼କୁ ହାତେ ଆସିଲେ ମୁଁ ତା'ଆଡ଼କୁ ଦୁଇ ହାତ ଯାଏ । ସେ ମୋ ଆଡ଼କୁ ଚାଲି ଚାଲି ଆସିଲେ ମୁଁ ତାକୁ ଭେଟିବାକୁ ଦଉଡ଼ି ଦଉଡ଼ି ଯାଏ ।"

(ମୁସଲିମ କିତାବୁତ ତୌବାଃ)

١٥- عَنْ اَبِیْ هُرَیْرَةَ رَضِیَ اللّٰهُ عَنْهُ عَنْ رَسُوْلِ اللّٰهِ صَلَّی اللّٰهُ عَلَیْهِ
وَسَلَّمَ قَالَ اَسْرَفَ رَجُلٌ عَلٰی نَفْسِهٖ فَلَمَّا حَضَرَهُ الْمَوْتُ
اَوْصٰی بَنِیْهِ فَقَالَ اِذَا اَنَا مِتُّ فَاَحْرِقُوْنِیْ ثُمَّ اسْحَقُوْنِیْ ثُمَّ
ذَرُوْنِیْ فِی الرِّیْحِ فِی الْبَحْرِ فَوَاللّٰهِ لَئِنْ قَدَرَ عَلَیَّ رَبِّیْ لَیُعَذِّبُنِیْ
عَذَابًا مَّا عَذَّبَهٗ اَحَدًا قَالَ فَفَعَلُوْا بِهٖ ذٰلِكَ ، فَقَالَ لِلْاَرْضِ
اَدِّیْ مَا اَخَذْتِ ، فَاِذَا هُوَ قَائِمٌ فَقَالَ لَهٗ : مَا حَمَلَكَ عَلٰی مَا
صَنَعْتَ قَالَ خَشْیَتُكَ اَوْ مَخَافَتُكَ یَارَبِّ! فَغَفَرَلَهٗ۔

(بخاری کتاب التوحید، ابن ماجه کتاب الزهد باب ذکر الذنوب،

مسند احمد جلد ٢ صفحه ٢٦٩)

**15.** ଅବୁ ହୁରେରାଃ[ରଅ] ବର୍ଣ୍ଣନା କରୁଛନ୍ତି ଯେ ସର୍ବଶକ୍ତିମାନ ଅଲ୍ଲାଃ ନିମ୍ନୋକ୍ତ ଭାବେ କହିଥିବାର ପବିତ୍ର ଅବତାର[ସଅ] କହିଛନ୍ତି :

"ଥରେ ଜଣେ ଲୋକ ତା'ନିଜ ଉପରେ ଖୁବ୍ ଅତ୍ୟାଚାର କଲା । ତା'ର ମୃତ୍ୟୁ ସମୟ ଉପସ୍ଥିତ ହେବାରୁ ସେ ତା'ର ପୁତ୍ରମାନଙ୍କୁ କହିଲା, "ମୁଁ ମଲା ପରେ ମୋର ଶରୀରକୁ ଦାହ କରିବ, ମୋ ଦେହାବଶେଷକୁ ଭସ୍ମରେ ପରିଣତ କରିବ, ତା'ପରେ ସମୁଦ୍ର କୂଳକୁ ଯାଇ ସେହି ଚିତାଭସ୍ମକୁ ପବନରେ ଖେଳାଇ ଦେବ । ମୁଁ ଅଲ୍ଲାଃଙ୍କ ନାମରେ ଶପଥ ପୂର୍ବକ କହୁଛି ଯେ ଯଦି ଅଲ୍ଲାଃ ମୋତେ ଧରିନେବେ ତେବେ ମୋର ଭୟ ହେଉଛି ଯେ ସେ ମୋତେ ଏପରି ଦଣ୍ଡଦେବେ ଯାହା ପୂର୍ବରୁ କେହି ପାଇ ନଥିବେ ।" ତା'ପରେ ମହାଭାଗ କହିଲେ ଯେ ପୁତ୍ରମାନଙ୍କୁ ଯେପରି କୁହାଯାଇଥିଲା ସେମାନେ ସେହିପରି କଲେ । କିନ୍ତୁ ଅଲ୍ଲାଃ ପୃଥିବୀକୁ ଆଦେଶ କଲେ, "ତୁମେ ସେହି ବ୍ୟକ୍ତିର ଯାହା କିଛି ପାଇଛ ତାକୁ ଫେରାଇ ଦିଅ ।" ଏହିପରି ଭାବରେ ସେ ଲୋକଟିକୁ ଅଲ୍ଲାଃଙ୍କ ନିକଟକୁ ଅଣାଗଲା । ଅଲ୍ଲାଃ ପଚାରିଲେ, 'କ'ଣ ପାଇଁ ତୁମେ ସେପରି କଲ ?' ସେ କହିଲା, 'ମୋର ଦୁଃଖ ଏବଂ ଆପଣଙ୍କ ପ୍ରତି ମୋର ଭୟ ମୋତେ ସେପରି କରିବାକୁ ବାଧ୍ୟ କଲା ।' ସୁତରାଂ ଅଲ୍ଲାଃ ତାକୁ କ୍ଷମା ଦେଲେ ।"

(ମସନଦ ଅହମଦ, ଖଣ୍ଡ ୨, ପୃ ୨୬୯)

# ପବିତ୍ର କୁରଆନ

١٦- عَنْ عُثْمَانَ بْنِ عَفَّانَ رَضِيَ اللّٰهُ عَنْهُ قَالَ: قَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ : خَيْرُكُمْ مَنْ تَعَلَّمَ الْقُرْاٰنَ وَعَلَّمَهٗ ۔

(بخاری کتاب فضائل القرٰان باب خیر کم من تعلم القرٰان)

**16.** ଉସ୍‌ମାନ ବିନ୍ ଆଫାନ[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ନିମ୍ନୋକ୍ତ ପ୍ରକାରେ କହିଛନ୍ତି :

"ତୁମମାନଙ୍କ ଭିତରେ ସେହି ହେଉଛି ସର୍ବଶ୍ରେଷ୍ଠ ବ୍ୟକ୍ତି ଯେ କି କୁରଆନ ଶିକ୍ଷା କରେ ଏବଂ ଅନ୍ୟକୁ ଶିକ୍ଷା ଦିଏ ।" (ବୁଖାରି, କିତାବୁଲ ଫଜାଇଲେ କୁରଆନ)

١٧- عَنِ ابْنِ عَبَّاسٍ رَضِيَ اللّٰهُ عَنْهُمَا قَالَ : قَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ : اِنَّ الَّذِىْ لَيْسَ فِىْ جَوْفِهٖ شَيْءٌ مِّنَ الْقُرْاٰنِ كَالْبَيْتِ الْخَرِبِ ۔

(ترمذی فضائل القرٰان باب من قرأ حرفًا)

**17.** ଇବ୍‌ନେ ଅବାସ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] କହିଛନ୍ତି :

"ଯେଉଁ ବ୍ୟକ୍ତି କୁରଆନର କୌଣସି ଅଂଶ ଶିକ୍ଷା କରେ ନାହିଁ, ତା'ର ଅବସ୍ଥା ଏକ ପରିତ୍ୟକ୍ତ ଗୃହ ସଦୃଶ ଅଟେ ।"

(ତିରମିଜି, କିତାବୁଲ ଫଜାଇଲେ କୁରଆନ)

١٨- عَنْ زَيْدِبْنِ اَرْقَمَ قَالَ قَامَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ يَوْمًا فِيْنَا خَطِيْبًا فَحَمِدَ اللّٰهَ وَاَثْنٰى عَلَيْهِ وَوَعَظَ وَذَكَّرَ ثُمَّ قَالَ : اَمَّا بَعْدُ اَلَا اَيُّهَا النَّاسُ فَاِنَّمَا اَنَا بَشَرٌ يُوْشِكُ اَنْ يَّاْتِيَ رَسُوْلُ رَبِّىْ فَاُجِيْبَ وَاَنَا تَارِكٌ فِيْكُمْ ثَقَلَيْنِ اَوَّلُهُمَا كِتَابُ اللّٰهِ فِيْهِ الْهُدٰى وَالنُّوْرُ فَخُذُوْا بِكِتَابِ اللّٰهِ وَاسْتَمْسِكُوْا بِهٖ فَحَثَّ عَلٰى

كِتَابِ اللهِ وَرَغَّبَ فِيهِ ثُمَّ قَالَ، وَأَهْلُ بَيْتِي أُذَكِّرُكُمُ اللهَ فِي
أَهْلِ بَيْتِي أُذَكِّرُكُمُ اللهَ فِي أَهْلِ بَيْتِي، أُذَكِّرُكُمُ اللهَ فِي أَهْلِ
بَيْتِي -

**18.** ଜଏଦ୍ ବିନ୍ ଅରକାମ୍[ରଅ] ବର୍ଣ୍ଣନା କରୁଛନ୍ତି

"ଦିନେ ପବିତ୍ର ଅବତାର[ସଅ] ଆମକୁ ଭାଷଣ ଦେବାପାଇଁ ଛିଡ଼ା ହେଲେ; ସେ ଅଲ୍ଲାଃଙ୍କୁ ପ୍ରଶଂସା କଲେ, ତାଙ୍କର ଯଶଗାନ କଲେ ଏବଂ ତା'ପରେ ଆମକୁ ଉଦ୍‌ବୋଧନ ଦେଲେ ଓ ସାବଧାନ କରାଇ କହିଲେ :

"ହେ ଲୋକମାନେ ! ମୁଁ ଜଣେ ମନୁଷ୍ୟ । ଦିନେ ନା ଦିନେ ମୋର ପ୍ରଭୁଙ୍କ ଠାରୁ ଜଣେ ବାର୍ତ୍ତାବହ ମୋ ପାଖକୁ ଆସିବେ ଓ ତା'ପରେ ମୁଁ ଇହ ଜଗତରୁ ବିଦାୟ ନେବି । ମୁଁ ତୁମମାନଙ୍କ ଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଛାଡ଼ିଯାଉଛି । ଅଲ୍ଲାଃଙ୍କ ପୁସ୍ତକ, ଯହିଁରେ ପଥ ପ୍ରଦର୍ଶନ କରାଯାଇଛି ଓ ଆଲୋକ । ତେଣୁ ଅଲ୍ଲାଃଙ୍କ ପୁସ୍ତକରେ ନିଷ୍ଠା ରଖ ଓ ତାକୁ ମାନି ଚଳ ।" ଏହିପରି ଭାବରେ ସେ ଆମମାନଙ୍କର ଆଗ୍ରହକୁ ଉଜ୍ଜୀବିତ କଲେ ଓ ଅଲ୍ଲାଃଙ୍କ ପୁସ୍ତକ ବିଷୟରେ ଆମମାନଙ୍କୁ ଉଦ୍‌ବୁଦ୍ଧ କରିଦେଲେ । 'ମୁଁ ମଧ୍ୟ ମୋ ପରିବାରର ଲୋକମାନଙ୍କୁ ପଛରେ ଛାଡ଼ିଯାଉଛି ।' ସେ ତା'ପରେ ତିନିଥର ଏହି ରୂପେ କହିଲେ : 'ମୋ ପରିବାରର ଲୋକଙ୍କ ପ୍ରତି ତୁମେମାନେ କିପରି ବ୍ୟବହାର କରିବ ସେଥିପାଇଁ ଅଲ୍ଲାଃଙ୍କ ପ୍ରତି ଭୟ କରୁଥାଅ ।"

(ମୁସଲିମ୍, କିତାବୁଲ ଫଜାଇଲ ଅଲ ସହାବତ୍)

# ହଜରତ ମୁହମ୍ମଦ[ସଅ]ଙ୍କର ସର୍ବୋତ୍କୃଷ୍ଟ ଆଚରଣ

١٧- عَنْ عَبْدِ اللهِ بْنِ اَبِيْ اَوْفٰى قَالَ: كَانَ النَّبِيُّ صَلَّى اللهُ
عَلَيْهِ وَسَلَّمَ لَا يَأْنِفُ وَلَا يَسْتَنْكِفُ اَنْ يَّمْشِيَ مَعَ الْاَرْمَلَةِ
وَالْمِسْكِيْنِ فَيَقْضِيَ لَهُمَا حَاجَتَهُمَا -

(مسند دارمی باب فی تواضع رسول اللہ صلی اللہ علیہ وسلّم)

**19.** ଅବଦୁଲ୍ଲା ବିନ୍ ଅବି ଅଉଫା[ରଅ] କହୁଛନ୍ତି :

"ପବିତ୍ର ଅବତାର[ସଅ] ବିଧବା ଓ ଅଭାବଗ୍ରସ୍ତ ଲୋକଙ୍କୁ ଘୃଣା କରୁ ନଥିଲେ କି ସେମାନଙ୍କ ସଙ୍ଗ ତ୍ୟାଗ କରୁ ନଥିଲେ । ଅନ୍ୟ ପକ୍ଷରେ ସେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସର୍ବଦା ସୁଯୋଗ ଖୋଜୁଥିଲେ ।" (ମସନଦ ଦାରମି)

٢٠- عَنْ عَائِشَةَ رَضِىَ اللهُ عَنْهَا قَالَتْ مَا ضَرَبَ رَسُولُ اللهِ صَلَّى اللهُ عَلَيْهِ وَسَلَّمَ شَيْئًا قَطُّ بِيَدِهِ وَلَا امْرَأَةً وَلَا خَادِمًا اِلَّا اَنْ يُّجَاهِدَ فِىْ سَبِيْلِ اللهِ وَمَا نِيْلَ مِنْهُ شَيْئٌ قَطُّ فَيَنْتَقِمَ مِنْ صَاحِبِهٖ اِلَّا اَنْ يُنْتَهَكَ شَيْئٌ مِنْ مَحَارِمِ اللهِ فَيَنْتَقِمَ لِلّٰهِ عَزَّ وَجَلَّ -

(مسلم كتاب الفضائل باب مباعدته الاٰثام واختياره من المباح)

**20.** ଆଏଶା[ରଅ] କହୁଛନ୍ତି

"ପବିତ୍ର ଅବତାର[ସଅ] କୌଣସି ମହିଳା ବା ଚାକର କାହାରିକୁ କେବେ ମାଡ଼ ମାରୁ ନଥିଲେ । ଯଦିଚ ସେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସଂଗ୍ରାମ କରୁଥିଲେ । ଯଦି କେହି କେବେ ତାଙ୍କର କ୍ଷତି କରୁଥିଲା, ତେବେ ସେ ନିଜେ କେବେ ହେଁ ପ୍ରତିଶୋଧ ନେଉ ନଥିଲେ । କିନ୍ତୁ ଯେବେ ବି ଅଲ୍ଲାଃଙ୍କର ଏକ ପବିତ୍ର ସ୍ଥଳକୁ ଅପବିତ୍ର କରାଯାଉଥିଲା, ତେବେ ସେ ଅଲ୍ଲାଃଙ୍କ ନାମରେ ପ୍ରତିଶୋଧ ନେଉଥିଲେ ।"

(ମୁସଲିମ୍, କିତାବୁଲ ଫଜାଇଲ)

٢١- عَنْ اَبِىْ سَعِيْدِنِ الْخُدْرِىِّ رَضِىَ اللهُ عَنْهُ اَنَّ رَسُوْلَ اللهِ صَلَّى اللهُ عَلَيْهِ وَسَلَّمَ كَانَ يَعْلِفُ الْبَعِيْرَ وَيُقِيْمُ الْبَيْتَ وَيَخْصِفُ النَّعْلَ وَيَرْقَعُ الثَّوْبَ وَيَحْلِبُ الشَّاةَ وَيَأْكُلُ مَعَ الْخَادِمِ وَيَطْحَنُ مَعَهٗ اِذَا أَعْيَا وَكَانَ لَا يَمْنَعُهُ الْحَيَاءُ اَنْ يَحْمِلَ بِضَاعَتَهٗ مِنَ السُّوْقِ اِلٰى اَهْلِهٖ وَكَانَ يُصَافِحُ الْغَنِىَّ وَالْفَقِيْرَ وَيُسَلِّمُ مُبْتَدِيًا وَلَا يَحْتَقِرُ مَا دُعِىَ اِلَيْهِ وَلَوْ

اِلٰی حَشْفِ التَّمْرِ وَکَانَ هَیِّنَ الْمُؤْنَةِ، لَیِّنَ الْخُلُقِ، کَرِیْمَ الطَّبِیْعَةِ، جَمِیْلَ الْمُعَاشَرَةِ، طَلِقَ الْوَجْهِ، بَسَّامًا مِنْ غَیْرِ ضِحْكٍ، مَحْزُوْنًا مِنْ غَیْرِ عُبُوْسَةٍ، مُتَوَاضِعًا مِنْ غَیْرِ مَذِلَّةٍ، جَوَّادًا مِنْ غَیْرِ سَرَفٍ رَقِیْقَ الْقَلْبِ رَحِیْمًا بِکُلِّ مُسْلِمٍ لَمْ یَتَجَشَّأْ قَطُّ مِنْ شَبَعٍ وَلَمْ یَمُدَّ یَدَهٗ اِلٰی طَمَعٍ۔

(مشکوٰۃ کتاب الفتن باب فی اخلاقہ ۔ قشیریہ ص ۱۰۸ اسد الغابۃ جلد اول ص "۲۹")

**21.** ଅବୁ ସୟିଦ ଖୁଦ୍ରି[ରଅ] କହୁଛନ୍ତି :

"ପବିତ୍ର ଅବତାର[ସଅ] ନିଜେ ଓଟମାନଙ୍କୁ ଖାଇବାକୁ ଦିଅନ୍ତି, ସମସ୍ତ ଗୃହକର୍ମ କରନ୍ତି, ଜୋତା ମରାମତି କରନ୍ତି, ଲୁଗାପଟା ରଫୁ କରନ୍ତି, ଛେଳି ଦୁହନ୍ତି ଏବଂ ଚାକର ବାକରଙ୍କ ସହ ମିଳିମିଶି ଖିଆପିଆ କରନ୍ତି । ଯଦି କେହି ଚାକର ଅଟା ପେଷୁ ପେଷୁ ଥକି ପଡ଼େ ସେ ସେଥିରେ ସାହାଯ୍ୟ କରନ୍ତି । ଘରକରଣା ଜିନିଷସବୁ ବଜାରରୁ ଘରକୁ ବୋହି ଆଣିବାରେ ସେ ନିଜକୁ ଛୋଟ ମନେ କରନ୍ତି ନାହିଁ । ସେ ଧନୀ ଓ ଗରିବ ସଭିଙ୍କ ସହିତ ସମାନ ଭାବରେ କର ମର୍ଦ୍ଦନ କରନ୍ତି । ଅଭିନନ୍ଦନ (ସଲାମ) ଜଣାଇବାରେ ସେ ସର୍ବଦା ପ୍ରଥମ ବ୍ୟକ୍ତି ହୁଅନ୍ତି । ନିମନ୍ତ୍ରଣ ରକ୍ଷା କରିବାକୁ ସେ ନିନ୍ଦନୀୟ ବୋଲି ଭାବନ୍ତି ନାହିଁ, ଏପରି କି ଖାଇବା ଲାଗି କରାଯାଇଥିବା ନିମନ୍ତ୍ରଣକୁ ମଧ୍ୟ । ଯେଉଁମାନେ କଠିନ ଶ୍ରମ କରୁଥିଲେ ସେମାନଙ୍କୁ ସେ ବିଶ୍ରାମ ଦେଉଥିଲେ । ସେ ଉଦାରମନା ଓ ଦୟାଳୁ ଥିଲେ । ତାଙ୍କର ଆଚରଣ ସର୍ବୋତ୍କୃଷ୍ଟ ଓ ସେ ସର୍ବଦା ପ୍ରଫୁଲ୍ଲ ରହୁଥିଲେ । ସେ ମୃଦୁ ହସ ହସନ୍ତି ମାତ୍ର ହୋ ହୋ ହୋଇ ହସନ୍ତି ନାହିଁ । ତାଙ୍କୁ ବିରକ୍ତ କଲେ ମଧ୍ୟ ସେ ଭ୍ରୁକୁଟି କରନ୍ତି ନାହିଁ । ସେ ବିନୀତ କିନ୍ତୁ ଦୀନ ନୁହନ୍ତି । ସେ ବଦାନ୍ୟ କିନ୍ତୁ ଅମିତବ୍ୟୟୀ ନୁହନ୍ତି । ସେ ସମସ୍ତ ମୁସଲମାନଙ୍କ ପ୍ରତି ଏକାଭଳି କୋମଳ ହୃଦୟ ଓ କରୁଣାମୟ । ହାକୁଟି ମାରିବା ଯାକେ ସେ ପେଟ ଭର୍ତ୍ତିକରି ଖାଆନ୍ତି ନାହିଁ । ଲୋଭ ପରବଶ ହୋଇ ସେ କେବେ ସାହାଯ୍ୟ କରନ୍ତି ନାହିଁ ।"

(ମିସକାତ୍, କିତାବୁଲ ଫିତନ)

٢٢- عَنْ اَبِیْ مُوْسٰی الْاَشْعَرِیِّ رَضِیَ اللّٰہُ عنه قَالَ : اَخْرَجَتْ لَنَا عَائِشَۃُ رَضِیَ اللّٰہُ عَنْھَا کِسَاءً وَاِزَارًا غَلِیْظًا قَالَتْ : قُبِضَ رَسُوْلُ اللّٰہِ ﷺ فِیْ ھٰذَیْنِ۔

(بخاری کتاب اللباس باب الاکسیۃ)

**22.** ଅବୁ ମୁସା ଅଶଅରି[ରଅ] କହୁଛନ୍ତି ଯେ ଥରେ ଆଇଶା[ରଅ] ସେମାନଙ୍କୁ ମୋଟା ସୂତାର ଏକ ଚଦର ଓ ଏକ ଲୁଙ୍ଗି ଦେଖାଇଲେ । ସେ କହିଲେ ଯେ ପବିତ୍ର ଅବତାର[ସଅ] ତାଙ୍କ ଦେହାବସାନ ବେଳକୁ ଏହି ବସ୍ତ୍ରଗୁଡ଼ିକ ପରିଧାନ କରୁଥିଲେ ।

(ବୁଖାରି, କିତାବୁଲ ଲିବାସ)

# ଇସଲାମର ମୂଳଭିତ୍ତି

٢٣- عَنِ ابْنِ عُمَرَ رَضِیَ اللّٰہُ عَنْھُمَا قَالَ : قَالَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ : بُنِیَ الْاِسْلَامُ عَلٰی خَمْسٍ : شَھَادَۃِ اَنْ لَّا اِلٰہَ اِلَّا اللّٰہُ وَاَنَّ مُحَمَّدًا رَسُوْلُ اللّٰہِ، وَاِقَامِ الصَّلٰوۃِ، وَاِیْتَاءِ الزَّکٰوۃِ، وَحَجِّ الْبَیْتِ، وَصَوْمِ رَمَضَانَ۔"

(بخاری کتاب الایمان باب قول النبیؐ صلی اللہ علیہ وسلم بنی الاسلام)

**23.** ପବିତ୍ର ଅବତାର[ସଅ] ଏହିପରି କହିଥିବାର ଇବ୍ନ ଉମର[ରଅ] କହୁଛନ୍ତି :

"ପାଞ୍ଚଟି ସ୍ତମ୍ଭ ଉପରେ ଇସଲାମର ଭିତ୍ତି ସ୍ଥାପିତ ହୋଇଛି ।

୧. ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କେହି ଉପାସନାର ଯୋଗ୍ୟ ନୁହନ୍ତି ଏବଂ ମୁହମ୍ମଦ[ସଅ] ଅଲ୍ଲାଃଙ୍କର ବାର୍ତ୍ତାବହ ଏ ବିଷୟରେ ସାକ୍ଷ୍ୟ ଦେବା ।

୨. ନମାଜ ପାଠ କରିବା (ଅଲ୍ଲାଃଙ୍କୁ ଉପାସନା କରିବାର ଔପଚାରିକ ପଦ୍ଧତି) ।

୩. ଜକାତ୍ ଦେବା (ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସର୍ବନିମ୍ନ ଆବଶ୍ୟକ ବାଧ୍ୟତାମୂଳକ ଆର୍ଥିକ ଚାନ୍ଦା) ।

୪. ଅଲ୍ଲାଃଙ୍କ ଗୃହ (ମକ୍କା)କୁ ତୀର୍ଥଯାତ୍ରାରେ ଯିବା ।

୫. ରମଜାନ ମାସରେ ରୋଜା (ଉପବାସ) କରିବା ।" (ବୁଖାରି, କିତାବୁଲ ଇମାନ)

٢٤- عَنْ عُمَرَ بْنِ الْخَطَّابِ رَضِيَ اللّٰهُ عَنْهُ قَالَ كُنَّا عِنْدَ رَسُوْلِ اللّٰهِ
صَلَّى اللّٰهُ عَلَيْهِ وَسَلَّمَ فَجَآءَ رَجُلٌ شَدِيْدُ بَيَاضِ الثِّيَابِ ،
شَدِيْدُ سَوَادِ الشَّعْرِ لَا يُرٰى عَلَيْهِ اَثَرُ السَّفَرِ وَلَا يَعْرِفُهٗ مِنَّا
اَحَدٌ حَتّٰى اَتَى النَّبِيَّ صَلَّى اللّٰهُ عَلَيْهِ وَسَلَّمَ فَاَلْزَقَ رُكْبَتَهٗ
بِرُكْبَتِهٖ ثُمَّ قَالَ يَا مُحَمَّدُ ! مَا الْاِيْمَانُ ؟ قَالَ اَنْ تُؤْمِنَ بِاللّٰهِ
وَمَلٰٓئِكَتِهٖ وَكُتُبِهٖ وَرُسُلِهٖ وَالْيَوْمِ الْاٰخِرِ وَالْقَدْرِ خَيْرِهٖ
وَشَرِّهٖ۔

(ترمذی کتاب الایمان باب فی وصف جبریل النبی ﷺ الایمان والاسلام)

**24.** ଉମର ବିନ ଖତାବ[ରଅ] କହୁଛନ୍ତି :

"ଥରେ ଆମେମାନେ ପବିତ୍ର ଅବତାର[ସଅ]ଙ୍କ ସହିତ ବସିଥିଲୁ । ହଠାତ୍ ଜଣେ ଲୋକ ପହଞ୍ଚିଲେ । ସେ ସଫା ଧଳା ଲୁଗା ପିନ୍ଧିଥିଲେ ଓ ତାଙ୍କର କେଶ ଚିକ୍କଣ କଳା ଥିଲା । ସେ ଜଣେ ଯାତ୍ରୀ ଭଳି ଦେଖାଯାଉ ନଥିଲେ ଓ ଆମମାନଙ୍କ ମଧ୍ୟରୁ କେହି ତାଙ୍କୁ ଜାଣି ନଥିଲେ । ସେ ପବିତ୍ର ଅବତାର[ସଅ]ଙ୍କର ଏତେ ନିକଟତର ବସିପଡ଼ିଲେ ଯେ ସତେ ଯେପରି ତାଙ୍କ ଆଣ୍ଠୁ ମହାଭାଗଙ୍କ ଆଣ୍ଠୁକୁ ସ୍ପର୍ଶ କରୁଥିଲା । ସେ କହିଲେ "ଧର୍ମବିଶ୍ୱାସ ସମ୍ବନ୍ଧରେ ମୋତେ କିଛି କହନ୍ତୁ ।" ପବିତ୍ର ଅବତାର[ସଅ] ଉତ୍ତର ଦେଲେ, "ତୁମେ ଅଲ୍ଲାଃ, ତାଙ୍କ ଦେବଦୂତ, ତାଙ୍କ ପୁସ୍ତକ ଓ ତାଙ୍କ ଅବତାରମାନଙ୍କ ଉପରେ ବିଶ୍ୱାସ ରଖିବା ଉଚିତ । ସେହିପରି ତୁମେ ବିଚାର ଦିବସ ଉପରେ ଆସ୍ଥା ସ୍ଥାପନ କରିବା ଉଚିତ ଏବଂ ଭଲମନ୍ଦ ସମ୍ବନ୍ଧରେ ଶାସ୍ତ୍ରୀୟ ନିୟମ ଉପରେ ବିଶ୍ୱାସ ସ୍ଥାପନ କରିବା ମଧ୍ୟ ଉଚିତ । ଏହା ହିଁ ଧର୍ମବିଶ୍ୱାସ ।"

(ତିରମିଜି, କିତାବୁଲ ଇମାନ)

# ନମାଜ ଓ ଉପାସନା ପଦ୍ଧତି

٢٥- عَنْ عُثْمَانَ بْنِ عَفَّانَ رَضِىَ اللهُ عَنْهُ اَنَّهُ دَعَا بِاِنَاءٍ فَاَفْرَ عَلٰى
كَفَّيْهِ ثَلٰثَ مِرَارٍ فَغَسَلَهُمَا ثُمَّ اَدْخَلَ يَمِيْنَهُ فِى الْاِنَآءِ
فَمَضْمَضَ وَاسْتَنْثَرَ ثُمَّ غَسَلَ وَجْهَهُ ثَلٰثًا وَيَدَيْهِ اِلَى
الْمِرْفَقَيْنِ ثَلٰثَ مِرَارٍ ثُمَّ مَسَحَ بِرَأْسِهٖ ثُمَّ غَسَلَ رِجْلَيْهِ
ثَلٰثَ مِرَارٍ اِلَى الْكَعْبَيْنِ ثُمَّ قَالَ، قَالَ رَسُوْلُ اللهِ صَلَّى
اللهُ عَلَيْهِ وَسَلَّمَ : مَنْ تَوَضَّأَ نَحْوَ وُضُوْئِىْ هٰذَا ثُمَّ صَلّٰى
رَكْعَتَيْنِ لَا يُحَدِّثُ فِيْهِمَا غُفِرَ لَهُ مَا تَقَدَّمَ مِنْ ذَنْبِهٖ۔

(بخارى كتاب الوضوء باب الوضوء ثَلٰثًا ثَلٰثًا)

**25.** କୁହାଯାଇଛି ଯେ ଥରେ ଉସମାନ୍ ବିନ୍ ଆଫାନ୍[ରଅ] ଜଳ ମଗାଇଲେ (ଯଦ୍ଦ୍ୱାରା ସେ ଓଜୁ ଅର୍ଥାତ୍ ହସ୍ତପଦାଦିର ପ୍ରକ୍ଷାଳନ କରିପାରିବେ, ଯାହା କି ନମାଜ ପାଠର ପୂର୍ବ ପ୍ରସ୍ତୁତି) । ସେ ହାତକୁ ତିନି ଥର ଧୋଇ ଓଜୁ ଆରମ୍ଭ କଲେ । ତା'ପରେ ଡ଼ାହାଣ ହାତରେ କିଛି ଜଳ ନେଇ କୁଳୁକୁଚା । କଲେ ଓ ତାକୁ ମୁହଁରୁ ଫିଙ୍ଗିଦେଲେ । ତା'ପରେ ସେ ନାକ ସଫା କଲେ । ତା'ପରେ ତିନିଥର ମୁହଁ ଧୋଇଲେ । ହାତ ଓ କହୁଣୀ ପର୍ଯ୍ୟନ୍ତ ବାହୁ ଦ୍ୱୟକୁ ତିନିଥର ଧୋଇଲେ । ଏହାପରେ ଓଦା ହାତକୁ ମୁଣ୍ଡ ଉପରେ ବୁଲାଇନେଲେ । ତା'ପରେ ଗୋଇଠି ପର୍ଯ୍ୟନ୍ତ ପାଦଦ୍ୱୟକୁ ତିନିଥର ଧୋଇଲେ । ଏହିପରି ଭାବରେ ଓଜୁ ଶେଷ କରି ସେ କହିଲେ :

> "ପବିତ୍ର ଅବତାର[ସଅ] କହିଛନ୍ତି ଯେ ମୁଁ ଯେଭଳି ଓଜୁ କଲି, ସେହିଭଳି ଯିଏ କରେ ଓ ତା'ପରେ ମୁଁ ଯେପରି ନମାଜ ପାଠ କରେ ତହିଁରେ କୌଣସି ପରିବର୍ତ୍ତନ ନକରି ଠିକ୍ ସେହିପରି ଦୁଇ ରକାତ ନମାଜ ପାଠ କରେ, ତା'ର ପୂର୍ବ ପାପ ସମୂହକୁ କ୍ଷମା ଦିଆଯିବ ।"

(ବୁଖାରି, କିତାବୁଲ ଓଜୁ)

٢٦- عَنْ اَبِيْ هُرَيْرَةَ رَضِيَ اللّٰهُ عَنْهُ اَنَّ رَسُوْلَ اللّٰهِ صَلَّى اللّٰهُ عَلَيْهِ وَسَلَّمَ قَالَ : اَلَا اَدُلُّكُمْ عَلٰى مَا يَمْحُو اللّٰهُ بِهِ الْخَطَايَا، وَيَرْفَعُ بِهِ الدَّرَجَاتِ؟ قَالُوْا بَلٰى يَا رَسُوْلَ اللّٰهِ! قَالَ اِسْبَاغُ الْوُضُوْءِ عَلَى الْمَكَارِهِ، وَكَثْرَةُ الْخُطَا اِلَى الْمَسَاجِدِ، وَاِنْتِظَارُ الصَّلٰوةِ بَعْدَ الصَّلٰوةِ، فَذٰلِكُمُ الرِّبَاطُ، فَذٰلِكُمُ الرِّبَاطُ۔

(مسلم كتاب الطهارات باب فضل اسباغ الوضوء على المكاره)

**26.** ଅବୁ ହୁରେରାଃ[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଥିଲେ :

"କ'ଣ ତୁମକୁ ମୁଁ ଏପରି କଥା କହିବା ଉଚିତ ନୁହେଁ ଯାହା ଅଭ୍ୟାସ କଲେ ତୁମେ ଅଲ୍ଲାଃଙ୍କ କୃପା ଲାଭ କରିପାରିବ ? ଏହାଦ୍ୱାରା ଅଲ୍ଲାଃ ତୁମର ଦୋଷ ମାର୍ଜନା କରିବେ ଓ ତୁମର ପଦମର୍ଯ୍ୟାଦା ବୃଦ୍ଧି କରିବେ ।" ସାଥୀମାନେ କହିଲେ "ହେ ଅଲ୍ଲାଃଙ୍କ ଅବତାର ! ଦୟାକରି ଆମକୁ ତାହା କୁହନ୍ତୁ ।" ତହୁଁ ମହାଭାଗ କହିଲେ "ତୁମର ଓଜୁ କରିବାକୁ ଇଚ୍ଛା ହେଉ ନଥିଲେ ମଧ୍ୟ ପୂରାପୂରି ଭାବେ ଓଜୁ କରିବା, ଦୂରସ୍ଥାନରୁ ମସଜିଦ୍‌କୁ ଚାଲିକରି ଯିବା ଓ ନିଜ ପ୍ରାର୍ଥନା ସାରି ପରବର୍ତ୍ତୀ ପ୍ରାର୍ଥନାକୁ ଆଗ୍ରହର ସହିତ ଅପେକ୍ଷା କରିବା – ଏସବୁ ହେଉଛି ସରହଦକୁ ଜଗିବା ଲାଗି ପ୍ରସ୍ତୁତ ହୋଇ ରହିବା ଅବସ୍ଥା ।"

(ଟିପ୍ପଣୀ- 'ରିବାତ୍' ଶବ୍ଦର ଅର୍ଥ ବ୍ୟାପକ । ଏହାର ଆକ୍ଷରିକ ଅର୍ଥ ଭୌଗୋଳିକ ସରହଦ ତଥା ଆଳଙ୍କାରିକ ଭାବେ ଯେ କୌଣସି ଆଧ୍ୟାତ୍ମିକ ମୂଲ୍ୟବୋଧ ପ୍ରତି ପ୍ରଯୁଜ୍ୟ ହୋଇଥାଏ । ଏ କ୍ଷେତ୍ରରେ ଏହା ଇସ୍‌ଲାମ ଧର୍ମର ନିର୍ଦ୍ଦିଷ୍ଟ କରାଯାଇ ଥିବା ଉପାସନା ପଦ୍ଧତି ପ୍ରତି ପଯୁଜ୍ୟ)

(ମୁସଲିମ, କିତାବୁତ ତହାରତ)

٢٧- عَنْ عَائِشَةَ رَضِيَ اللّٰهُ عَنْهَا قَالَتْ كَانَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ يَفْتَتِحُ الصَّلَاةَ بِالتَّكْبِيْرِ وَالْقِرَاءَةِ بِالْحَمْدِ لِلّٰهِ رَبِّ الْعَالَمِيْنَ۔ وَكَانَ اِذَا رَكَعَ لَمْ يَرْفَعْ رَأْسَهُ وَلَمْ يُصَوِّبْهُ

وَلٰكِنْ بَيْنَ ذٰلِكَ ۔ وَكَانَ اِذَا رَفَعَ رَأْسَهٗ مِنَ الرُّكُوْعِ لَمْ يَسْجُدْ
حَتّٰى يَسْتَوِىَ قَآئِمًا ۔ وَاِذَا رَفَعَ رَأْسَهٗ مِنَ السُّجُوْدِ لَمْ يَسْجُدْ
حَتّٰى يَسْتَوِىَ جَالِسًا ۔ وَكَانَ يَقُوْلُ فِىْ كُلِّ رَكْعَتَيْنِ
التَّحِيَّةَ وَكَانَ يَفْرِشُ رِجْلَهُ الْيُسْرٰى وَيَنْصِبُ رِجْلَهُ الْيُمْنٰى
وَكَانَ يَنْهٰى عَنْ عَقْبِ الشَّيْطَانِ وَكَانَ يَنْهٰى أَنْ يَفْتَرِشَ
الرَّجُلُ ذِرَاعَيْهِ اِفْتِرَاشَ الْكَلْبِ وَكَانَ يَخْتِمُ الصَّلٰوةَ
بِالتَّسْلِيْمِ ۔

(مسند احمد جلد ۶ صفحہ ۳۱)

**27.** ଆଏଶା[ରଅ] ବର୍ଣ୍ଣନା କରୁଛନ୍ତି :

"ପ୍ରାର୍ଥନା ଆରମ୍ଭରେ ପବିତ୍ର ଅବତାର[ସଅ] ତକବିର(ଅଲ୍ଲାଃହୁ ଅକବର୍) କହୁଥିଲେ । ଏହାପରେ ସେ ସୁରଃ ଫାତିହା (ପବିତ୍ର କୁରଆନ୍‌ର ପ୍ରଥମ ଅଧ୍ୟାୟ) ଆବୃତ୍ତି କରୁଥିଲେ । ରୁକୁ କଲାବେଳେ (ଅର୍ଥାତ୍ ନମାଜର ଆଣ୍ଠୁ ଉପରେ ଭରା ଦେଇ ନଇଁଲା ବେଳେ) ସେ ନିଜ ମୁଣ୍ଡକୁ ଉଠାଇ ରଖୁ ନଥିଲେ କି ତଳକୁ ଝୁଲାଇ ରଖୁ ନଥିଲେ । ବରଂ ମୁଣ୍ଡକୁ ପିଠି ସହିତ ଏପରି ଏକ ସରଳରେଖାରେ ରଖୁଥିଲେ ଯେପରି ତାହା ସମାନ୍ତର ରହିବ । ରୁକୁ କରିବା ଅବସ୍ଥାରୁ ଉଠି ସିଧା ଠିଆ ହୋଇ ରହୁଥିଲେ ଓ ତା'ପରେ ସଜ୍‌ଦା କରିବା (ଅର୍ଥାତ୍ ମୁଣ୍ଡିଆ ମାରିବା) ଅବସ୍ଥାକୁ ଆସୁଥିଲେ । ସେପରି ସିଜ୍‌ଦା କରିବା ଅବସ୍ଥାରୁ ସେ ତାଙ୍କ ମୁଣ୍ଡକୁ ଉଠାଇ ବସିବା ଅବସ୍ଥାକୁ ଆସୁଥିଲେ ଓ ଦ୍ୱିତୀୟ ଥର ସଜ୍‌ଦା କରିବା ପୂର୍ବରୁ କିଛି ସମୟ ଅଟକି ଯାଉଥିଲେ । ଦୁଇ ରକାତ୍ ପରେ ସେ ଅତହିୟାତ୍ (ଏକ ବିହିତ ପ୍ରାର୍ଥନା) ଆବୃତ୍ତି କରିବାକୁ ବସି ରହୁଥିଲେ । ଏହି ଅବସ୍ଥାରେ ସେ ତାଙ୍କ ଡ଼ାହାଣ ପାଦକୁ ଭୂମି ଉପରେ ଠିଆ କରାଇ ରଖୁଥିଲେ ଓ ବାମ ପାଦକୁ ସମାନ୍ତରାଳ କରି ରଖୁଥିଲେ । ସେ ନିର୍ଦ୍ଦେଶ ଦେଇଥିଲେ ଯେ ସଜ୍‌ଦା କରିବାବେଳେ କୁକୁରଙ୍କ ଭଳି ଭୂମିରେ କହୁଣୀକୁ ଭରା ଦିଅ ନାହିଁ ଏବଂ ପାଷଣ୍ଡ ଭଳି ଗୋଡ଼ ଲମ୍ୱାଇବାକୁ ସେ ନିଷେଧ କରିଥିଲେ । 'ତୁମମାନଙ୍କ ଉପରେ ଅଲ୍ଲାଃଙ୍କର ଶାନ୍ତି ଓ କରୁଣା ବୃଷ୍ଟି ହେଉ' କହି ସେ ପ୍ରାର୍ଥନା ଶେଷ କରୁଥିଲେ ।"

(ମସନଦ ଅହମଦ, ଖଣ୍ଡ ୬, ପୃ ୩୧)

۲۸- عَنْ عَبْدِ اللّٰهِ بْنِ مَسْعُوْدٍ رَضِیَ اللّٰهُ عَنْهُ قَالَ سَأَلْتُ النَّبِیَّ صَلَّی اللّٰهُ عَلَیْهِ وَسَلَّمَ : اَیُّ الْعَمَلِ اَحَبُّ اِلَی اللّٰهِ تَعَالٰی ؟ قَالَ : اَلصَّلٰوةُ عَلٰی وَقْتِهَا : قُلْتُ ثُمَّ اَیٌّ ؟ قَالَ : بِرُّ الْوَالِدَیْنِ، قُلْتُ : ثُمَّ اَیٌّ ؟ قَالَ : اَلْجِهَادُ فِیْ سَبِیْلِ اللّٰهِ۔

(بخاری کتاب الجهاد باب فضل الجهاد والسیر)

**28.** ଅବଦୁଲ୍ଲାଃ ବିନ୍ ମସୁଦ[ରଅ] କହୁଛନ୍ତି ଯେ ସେ ପବିତ୍ର ଅବତାର[ସଅ]ଙ୍କୁ ଏହିପରି ପଚାରିଲେ : "କେଉଁ କର୍ମ ଅତ୍ୟୁଚ୍ଚ ଓ ଅଲ୍ଲାଃଙ୍କୁ ଅତ୍ୟନ୍ତ ପ୍ରୀତିକର ହୁଏ" ପବିତ୍ର ଅବତାର[ସଅ] ଉତ୍ତର ଦେଲେ :

"ଯଥା ସମୟରେ ପ୍ରାର୍ଥନା କରିବା"

ସେ କହିଲେ, 'ପିତାମାତଙ୍କ ପ୍ରତି ସଦୟ ହେବା ।'

ମୁଁ ପଚାରିଲି, 'ଏହା ପରର କାର୍ଯ୍ୟ କଅଣ ?'

ସେ ଉତ୍ତର ଦେଲେ, 'ଅଲ୍ଲାଃଙ୍କ ମାର୍ଗରେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବା ।'

(ବୁଖାରି, କିତାବୁଲ ଜିହାଦ)

۲۹- عَنْ عَمْرِو بْنِ شُعَیْبٍ عَنْ اَبِیْهِ عَنْ جَدِّهٖ رَضِیَ اللّٰهُ عَنْهُمْ قَالَ قَالَ رَسُوْلُ اللّٰهِ صَلَّی اللّٰهُ عَلَیْهِ وَسَلَّمَ : مُرُوْا اَوْلَادَكُمْ بِالصَّلٰوةِ وَهُمْ اَبْنَآءُ سَبْعِ سِنِیْنَ وَاضْرِبُوْهُمْ عَلَیْهَا وَهُمْ اَبْنَآءُ عَشْرٍ وَّفَرِّقُوْا بَیْنَهُمْ فِی الْمَضَاجِعِ۔

**29.** ଅମର ବିନ୍ ସୋଏବ[ରଅ] ତାଙ୍କ ପିତାମହଙ୍କ କହିବା ଅନୁଯାୟୀ ତାଙ୍କ ପିତାଙ୍କ ଠାରୁ ଶୁଣିଥିଲେ ଯେ ପବିତ୍ର ଅବତାର[ସଅ] ଏହି ରୂପେ କହିଛନ୍ତି :

"ତୁମ ପିଲାମାନେ ସାତ ବର୍ଷର ହୋଇଗଲେ ସେମାନଙ୍କୁ ନମାଜ ପାଠ କରିବାକୁ ଉପଦେଶ ଦିଅ । ସେମାନେ ଦଶ ବର୍ଷରେ ପଦାର୍ପଣ କଲେ, ତୁମେ ଏ ବିଷୟରେ ସେମାନଙ୍କ ପ୍ରତି କଠୋର ହୁଅ ଏବଂ ସେମାନଙ୍କ ପାଇଁ ଅଲଗା ଅଲଗା ବିଛଣାରେ ଶୋଇବାର ବ୍ୟବସ୍ଥା ମଧ୍ୟ କର ।"

(ଅବୁଦାଉଦ, ଭାଗ ମତା / ମସନଦ ଅହମଦ, ଖଣ୍ଡ ୨, ପୃ ୧୮୦)

٣٠- عَنْ فَاطِمَةَ الزُّهْرَآءِ رَضِيَ اللّٰهُ عَنْهَا قَالَتْ : كَانَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ اِذَا دَخَلَ الْمَسْجِدَ، قَالَ : بِسْمِ اللّٰهِ وَالسَّلَامُ عَلٰى رَسُوْلِ اللّٰهِ، اَللّٰهُمَّ اغْفِرْلِيْ ذُنُوْبِيْ وَافْتَحْ لِيْ اَبْوَابَ رَحْمَتِكَ وَاِذَا خَرَجَ قَالَ : بِسْمِ اللّٰهِ وَالسَّلَامُ عَلٰى رَسُوْلِ اللّٰهِ، اَللّٰهُمَّ اغْفِرْلِيْ ذُنُوْبِيْ وَافْتَحْ لِيْ اَبْوَابَ فَضْلِكَ -

(مسند احمد حديث فاطمة بنت رسول اللّٰه صلى اللّٰه عليه وسلّم جلد ٦ صفحه ٢٨٣)

**30.** ଫାତମା ଅଜ୍ ଜୋହରା[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ମସ୍‌ଜିଦ୍‌ରେ ପ୍ରବେଶ କଲାବେଳେ ନିମ୍ନୋକ୍ତ ପ୍ରାର୍ଥନା ଅର୍ଥାତ୍ ଦୁଆ ଆବୃତ୍ତି କରୁଥିଲେ :

"ଅଲ୍ଲାଃଙ୍କ ନାମ ନେଇ କହୁଛି ଯେ ଅଲ୍ଲାଃଙ୍କ ବାର୍ତ୍ତାବହଙ୍କ ଉପରେ ଶାନ୍ତି ବିରାଜମାନ କରୁ । ହେ ମୋର ପ୍ରଭୁ ! ମୋ ପାପରୁ ମୋତେ କ୍ଷମା ଦିଅ ଓ ମୋ ପାଇଁ ତୁମ କରୁଣାର ଦ୍ୱାର ଉନ୍ମୁକ୍ତ କରିଦିଅ ।"

ଏବଂ ସେ ମସ୍‌ଜିଦ୍‌କୁ ଛାଡ଼ିଦେବା ବେଳେ ନିମ୍ନୋକ୍ତ ପ୍ରାର୍ଥନା କରୁଥିଲେ :

"ଅଲ୍ଲାଃଙ୍କ ନାମ ନେଇ କହୁଛି ଯେ ତାଙ୍କ ବାର୍ତ୍ତାବହଙ୍କ ଉପରେ ଶାନ୍ତି ବିରାଜମାନ କରୁ । ହେ ମୋର ପ୍ରଭୁ ! ମୋ ପାପରୁ ମୋତେ କ୍ଷମା ଦିଅ ଓ ମୋ ପାଇଁ ତୁମ କୃପାର ଦ୍ୱାର ଉନ୍ମୁକ୍ତ କରିଦିଅ ।"

(ମସନଦ ଅହମଦ, ଖଣ୍ଡ ୬, ପୃ ୨୮୩)

# ରୋଜା : ଉପବାସ

٣١- عَنْ اَبِيْ هُرَيْرَةَ رَضِيَ اللّٰهُ عَنْهُ قَالَ : قَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ : قَالَ اللّٰهُ عَزَّ وَ جَلَّ : كُلُّ عَمَلِ ابْنِ اٰدَمَ لَهٗ اِلَّا الصِّيَامَ فَاِنَّهٗ لِيْ وَاَنَا اَجْزِيْ بِهٖ - وَالصِّيَامُ جُنَّةٌ فَاِذَا كَانَ يَوْمُ صَوْمِ اَحَدِكُمْ فَلَا يَرْفُثْ وَلَا يَصْخَبْ فَاِنْ سَابَّهٗ اَحَدٌ اَوْ

قَاتَلَهُ فَلْيَقُلْ : اِنِّیْ صَآئِمٌ ۔ وَالَّذِیْ نَفْسُ مُحَمَّدٍ بِيَدِہٖ لَخُلُوْفُ
فَمِ الصَّآئِمِ اَطْيَبُ عِنْدَ اللهِ مِنْ رِيْحِ الْمِسْكِ ۔ لِلصَّآئِمِ
فَرْحَتَانِ يَفْرَحُهُمَا ، اِذَا اَفْطَرَ فَرِحَ ، وَاِذَا لَقِیَ رَبَّهٗ فَرِحَ بِصَوْمِہٖ
(بخاری کتاب الصوم باب هل يقول انی صائم اذا شتم)

31. ଅବୁ ହୁରେରାଃ[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଥିଲେ :

"ସର୍ବଶକ୍ତିମାନ ଅଲ୍ଲାଃ କହନ୍ତି କେବଳ ଉପବାସ ବ୍ୟତୀତ ଅନ୍ୟ ସମସ୍ତ କର୍ମ ତା' ନିଜ ପାଇଁ । ଉପବାସ କେବଳ ମୋ ପାଇଁ ହିଁ କରାଯାଏ ଓ ମୁଁ ହିଁ ଏହାର ପୁରସ୍କାର । ଉପବାସ ହେଉଛି (ଦୁଷ୍କୃତି ବିରୁଦ୍ଧରେ) ଢ଼ାଲ ସଦୃଶ । ଏଣୁ ତୁମମାନଙ୍କ ଭିତରୁ ଯଦି କେହି ଉପବାସ କରୁଥାଏ, ତେବେ ସେ ବୃଥା ଆଳାପରେ ଲିପ୍ତ ହେବା ଉଚିତ ନୁହେଁ କି ଉଚ୍ଚବାଚ୍ଚ କରିବା ଉଚିତ ନୁହେଁ । ଯଦି କେହି ତାକୁ ଗାଳିଗୁଲଜ କରେ ବା ତା' ସହିତ ଝଗଡ଼ା ଆରମ୍ଭ କରେ, ତେବେ ସେ କେବଳ ଏତିକି କହିବା ଉଚିତ, 'ମୁଁ ଉପବାସ କରୁଛି' । ଉପବାସକାରୀର ମୁଖନିଃସୃତ ଗନ୍ଧ ଅଲ୍ଲାଃଙ୍କ ବିଚାରରେ କର୍ପୁର ଗନ୍ଧ ଅପେକ୍ଷା ଅଧିକ ଆନନ୍ଦଦାୟକ । ମୋର ଏହି ଉକ୍ତିକୁ ଅଲ୍ଲାଃ, ଯାହାଙ୍କ ଅଧୀନରେ ମୁହମ୍ମଦ[ସଅ] ଓ ତାଙ୍କ ଜୀବନ ରହିଅଛି, ସମର୍ଥନ କରିବେ । ଉପବାସକାରୀ ଦୁଇଗୋଟି ଆନନ୍ଦ ଅନୁଭବ କରେ : ପ୍ରଥମତଃ ଉପବାସ ଶେଷ କରିବା ସମୟରେ ଓ ଦ୍ୱିତୀୟତଃ ଉପବାସ ବଳରେ ନିଜ ପ୍ରଭୁଙ୍କ ସହିତ ସାକ୍ଷାତ୍ କରିବା ସମୟରେ ସେ ଆନନ୍ଦ ଅନୁଭବ କରେ ।"

(ବୁଖାରି, କିତାବୁସ ସୌମ)

٣٢ - عَنْ اَبِیْ هُرَيْرَةَ رَضِیَ اللهُ عَنْهُ قَالَ : قَالَ النَّبِیُّ صَلَّى اللهُ عَلَيْهِ
وَسَلَّمَ : مَنْ لَمْ يَدَعْ قَوْلَ الزُّوْرِ وَالْعَمَلَ بِہٖ فَلَيْسَ لِلّٰهِ
حَاجَةٌ فِیْ اَنْ يَدَعَ طَعَامَهٗ وَشَرَابَهٗ ۔
(بخاری کتاب الصوم باب من لم يدع قول الزور والعمل به)

32. ଅବୁ ହୁରେରାଃ[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :
"ଯେଉଁ ବ୍ୟକ୍ତି ମିଥ୍ୟାକଥନ ଓ ପ୍ରତାରଣାରୁ ବିରତ ନ ହୁଏ, ଅଲ୍ଲାଃଙ୍କ ନିକଟରେ ତା'ର ଉପବାସ ମୂଲ୍ୟହୀନ ହୋଇଥାଏ ।"

(ବୁଖାରି କିତାବୁସ ସୌମ)

٣٣- عَنْ عَائِشَةَ رَضِىَ اللهُ عَنْهَا اَنَّ النَّبِيَّ صَلَّى اللهُ عَلَيْهِ وَسَلَّمَ
كَانَ يَعْتَكِفُ الْعَشْرَ الْاَوَاخِرَ مِنْ رَمَضَانَ حَتّٰى تَوَفَّاهُ
اللهُ تَعَالٰى ثُمَّ اعْتَكَفَ اَزْوَاجُهٗ مِنْ بَعْدِهٖ۔

(بخاری کتاب الاعتکاف باب الاعتکاف فی العشر الاواخر)

33. ଆଏଶା[ରଅ] ବର୍ଣ୍ଣନା କରୁଛନ୍ତି :
"ପବିତ୍ର ଅବତାର[ସଅ] ରମଜାନ ମାସର ଶେଷ ଦଶ ଦିନ ମସଜିଦ୍‌ରେ (ଏତେକାଫ୍‌ରେ) ଆବଦ୍ଧ ହୋଇ ରହୁଥିଲେ । ତାଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀମାନେ ସେହି ପ୍ରକାରେ ଏତେକାଫ୍ ପାଳନ କରୁଥିଲେ ।"

(ବୁଖାରି, କିତାବୁଲ ଇତେକାଫ)

# ହଜ : ତୀର୍ଥଯାତ୍ରା

٣٤- عَنْ اَبِىْ هُرَيْرَةَ رَضِىَ اللهُ عَنْهُ قَالَ خَطَبَنَا رَسُوْلُ اللهِ صَلَّى اللهُ
عَلَيْهِ وَسَلَّمَ فَقَالَ : يَااَيُّهَا النَّاسُ ! اِنَّ اللهَ قَدْ
فَرَضَ عَلَيْكُمُ الْحَجَّ فَحُجُّوْا ۔ فَقَالَ رَجُلٌ : اَكُلَّ عَامٍ يَا
رَسُوْلَ اللهِ؟ فَسَكَتَ حَتّٰى قَالَهَا ثَلَاثًا ۔ فَقَالَ رَسُوْلُ اللهِ صَلَّى
اللهُ عَلَيْهِ وَسَلَّمَ : لَوْ قُلْتُ نَعَمْ لَوَجَبَتْ وَلَمَا اسْتَطَعْتُمْ
ثُمَّ قَالَ : ذَرُوْنِىْ مَا تَرَكْتُكُمْ فَاِنَّمَا هَلَكَ مَنْ كَانَ قَبْلَكُمْ

بِكَثْرَةِ سُؤَالِهِمْ، وَاخْتِلَافِهِمْ عَلَى اَنْبِيَاءِهِمْ، فَإِذَا اَمَرْتُكُمْ بِشَيْءٍ فَأْتُوا مِنْهُ مَاسْتَطَعْتُمْ وَإِذَا نَهَيْتُكُمْ عَنْ شَيْءٍ فَدَعُوْهُ -

(مسلم كتاب الحج باب فرض الحج مرّة في العمر)

34. ଅବୁ ହୁରେରାଃ[ରଅ] କହୁଛନ୍ତି ଯେ ଏକଦା ପ୍ରବଚନ ଦେବାବେଳେ ପବିତ୍ର ଅବତାର[ସଅ] ଏହିପରି କହିଥିଲେ :

"ହେ ଲୋକମାନେ ! ଅଲ୍ଲାଃ ତୁମମାନଙ୍କ ପାଇଁ ତୀର୍ଥଯାତ୍ରାକୁ ବାଧ୍ୟତାମୂଳକ କରିଛନ୍ତି । ତେଣୁ ତୁମେମାନେ ତାହା ସମ୍ପାଦନ କରିବା ଉଚିତ ।"

ଏହା ଶୁଣି ଜଣେ ଲୋକ ପଚାରିଲା, "ହେ ଅଲ୍ଲାଃଙ୍କ ଅବତାର ! ଏହା କ'ଣ, ପ୍ରତିବର୍ଷ ସମ୍ପାଦିତ ହେବ ?" ପବିତ୍ର ଅବତାର[ସଅ] ନୀରବ ରହିଲେ । ଲୋକଟି ସେହି ପ୍ରଶ୍ନ ତିନିଥର ପଚାରିଲା । ତାପରେ ମହାଭାଗ ଉତ୍ତର ଦେଲେ : "ମୁଁ ଯଦି 'ହଁ' କହିବି ତେବେ ତୀର୍ଥଯାତା ତୁମମାନଙ୍କ ପାଇଁ ବାଧ୍ୟତାମୂଳକ ହେବ ଓ ସେଥିପାଇଁ ତୁମମାନଙ୍କର ସାମର୍ଥ୍ୟ ରହିବ ନାହିଁ ।" ସେ କହି ଚାଲିଲେ, "ମୁଁ ତୁମମାନଙ୍କୁ ଏପରି କୌଣସି କଥା ନ କହିବା ପର୍ଯ୍ୟନ୍ତ ସେ ବିଷୟରେ ପ୍ରଶ୍ନ କର ନାହିଁ । ତୁମମାନଙ୍କ ପୂର୍ବବର୍ତ୍ତୀ ଲୋକମାନେ ଧ୍ୱଂସ ହୋଇଥିଲେ, କାରଣ ସେମାନେ ଅନେକ ପ୍ରଶ୍ନ ପଚାରୁଥିଲେ । ଅଥଚ ଅବତାରମାନଙ୍କୁ ଅବଜ୍ଞା କରିଥିଲେ । ମୁଁ ଯେତେବେଳେ ତୁମମାନଙ୍କୁ କିଛି କରିବା ଲାଗି ଉପଦେଶ ଦେଉ ଅଛି ତୁମେମାନେ ନିଜର ସର୍ବଶ୍ରେଷ୍ଠ ସାମର୍ଥ୍ୟ ସହ ତାହା ସମ୍ପାଦନ କର, ଏବଂ ଯଦି ମୁଁ କିଛି କରିବା ଲାଗି ବାରଣ କରୁଛି, ତେବେ ତୁମେମାନେ ସେଥିରୁ ବିରତ ରୁହ ।"

(ମୁସଲିମ, କିତାବୁଲ ହଜ)

٣٥- عَنْ اَبِيْ هُرَيْرَةَ رَضِيَ اللّٰهُ عَنْهُ قَالَ قَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ مَنْ حَجَّ لِلّٰهِ فَلَمْ يَرْفُثْ وَلَمْ يَفْسُقْ رَجَعَ كَيَوْمٍ وَلَدَتْهُ اُمُّهُ-

(مشكوٰة كتاب المناسك)

35. ଅବୁ ହୁରେରାଃ[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିରୂପେ କହିଛନ୍ତି :

"ଅଲ୍ଲାଃଙ୍କ ପାଇଁ ଯଦି କେହି ତୀର୍ଥଯାତ୍ରା କରେ ଓ ଅଶ୍ଳୀଳ ଆଲୋଚନାରେ ଲିପ୍ତ ରହେ ନାହିଁ କି ସୀମା ଲଂଘନ କରେ ନାହିଁ, ତେବେ ତା'ର ଜନନୀ ତାକୁ ଜନ୍ମ ଦେଇଥିବା ଦିନ ସେ ଯେତିକି ପବିତ୍ର ଓ ନିରୀହ ଥିଲା ସେ ସେତିକି ପବିତ୍ର ଓ ନିରୀହ ହୋଇଯିବ ।"

(ମିସକାତ୍, କିତାବୁଲ ମନାସିକ)

# ଜକାତ : ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ବ୍ୟୟ

٣٦- عَنْ مُعَاذٍ رَضِىَ اللهُ عَنْهُ قَالَ بَعَثَنِىْ رَسُوْلُ اللهِ صَلَّى
اللهُ عَلَيْهِ وَسَلَّمَ فَقَالَ : اِنَّكَ تَاْتِىْ قَوْمًا مِّنْ اَهْلِ الْكِتَابِ
فَادْعُهُمْ اِلٰى شَهَادَةِ اَنْ لَّآ اِلٰهَ اِلَّا اللهُ وَاَنِّىْ رَسُوْلُ اللهِ. فَاِنْ هُمْ
اَطَاعُوْا لِذٰلِكَ فَاَعْلِمْهُمْ اَنَّ اللهَ قَدِ افْتَرَضَ عَلَيْهِمْ
خَمْسَ صَلَوَاتٍ فِىْ كُلِّ يَوْمٍ وَّلَيْلَةٍ ، فَاِنْ هُمْ اَطَاعُوْا لِذٰلِكَ
فَاَعْلِمْهُمْ اَنَّ اللهَ قَدِ افْتَرَضَ عَلَيْهِمْ صَدَقَةً تُؤْخَذُ مِنْ
اَغْنِيَآئِهِمْ فَتُرَدُّ عَلٰى فُقَرَآئِهِمْ فَاِنْ هُمْ اَطَاعُوْا لِذٰلِكَ فَاِيَّاكَ
وَكَرَائِمَ اَمْوَالِهِمْ . وَاتَّقِ دَعْوَةَ الْمَظْلُوْمِ فَاِنَّهٗ لَيْسَ بَيْنَهَا
وَبَيْنَ اللهِ حِجَابٌ.

(بخارى كتاب الزكوة باب لاتؤخذ كرائم اموال الناس فى الصدقة)

36. ମୁଆଜ[ରଅ] ବର୍ଣ୍ଣନା କରୁଛନ୍ତି :

"ପବିତ୍ର ଅବତାର[ସଅ] ମୋତେ (ଗୋଟିଏ ଅଞ୍ଚଳର) ଶାସନକର୍ତ୍ତା ନିଯୁକ୍ତ କରି ଡ଼କାଇ ପଠାଇଲେ ଓ କହିଲେ : 'ତୁମେ କେତେକ ଗ୍ରନ୍ଥଧାରୀଙ୍କୁ ଭେଟିବ । ତୁମେ

ସେମାନଙ୍କୁ ଏ ବିଷୟରେ ସାକ୍ଷ୍ୟ ଦେବା ପାଇଁ ନିମନ୍ତ୍ରଣ କରିବ ଯେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସନାର ଯୋଗ୍ୟ ନୁହେଁ ଏବଂ ମୁଁ (ଅର୍ଥାତ୍ ହଜରତ ମୁହମ୍ମଦ[ସଅ]) ତାହାଙ୍କର ଦୂତ । ଯଦି ସେମାନେ ଏହାକୁ ଗ୍ରହଣ କରନ୍ତି, ତେବେ ତୁମେ ସେମାନଙ୍କୁ ଜଣାଇ ଦେବା ଉଚିତ ଯେ ଦୈନିକ ପାଞ୍ଚଥର ପ୍ରାର୍ଥନା କରିବା ଅଲ୍ଲାଃ ବାଧ୍ୟତାମୂଳକ କରିଛନ୍ତି । ଯଦି ସେମାନେ ଏହାକୁ ଗ୍ରହଣ କରନ୍ତି ତେବେ ତୁମେ ସେମାନଙ୍କୁ କହିବା ଉଚିତ ଯେ ଅଲ୍ଲାଃ ଭିକ୍ଷା ଦେବା ବାଧ୍ୟତାମୂଳକ କରିଛନ୍ତି । ଏହିସବୁ ଭିକ୍ଷା ଧନୀ ଲୋକମାନଙ୍କ ଠାରୁ ନିଆଯାଏ ଓ ସେମାନଙ୍କ ମଧ୍ୟରେ ଥିବା ଗରିବ ଲୋକମାନଙ୍କୁ ଫେରାଇ ଦିଆଯାଏ । ଯଦି ସେମାନେ ଏଥିରେ ରାଜି ହୁଅନ୍ତି ତେବେ ତୁମେ ତାଙ୍କ ପାଖରେ ଥିବା ସର୍ବୋତ୍କୃଷ୍ଟ ଜିନିଷକୁ ବରାଦ କରିବ ନାହିଁ । ଏବଂ ଅତ୍ୟାଚାରିତ ଲୋକମାନଙ୍କୁ ଆପତ୍ତି ପ୍ରତି ଧ୍ୟାନ ରଖିଥିବ, କାରଣ ଏହି ଆପତ୍ତି ଓ ଅଲ୍ଲାଃଙ୍କ ମଧ୍ୟରେ କୌଣସି ବ୍ୟବଧାନ ନଥାଏ ।' (ବୁଖାରି, କିତାବୁଜ ଜକାତ୍)

٣٧- عَنْ خُرَيْمِ بْنِ فَاتِكٍ رَضِيَ اللهُ عَنْهُ قَالَ : قَالَ رَسُوْلُ
اللهِ صَلَّى اللهُ عَلَيْهِ وَسَلَّمَ : مَنْ اَنْفَقَ نَفَقَةً فِيْ سَبِيْلِ اللهِ
كُتِبَ لَهٗ سَبْعُ مِائَةِ ضِعْفٍ ۔

(ترمذی باب فضل النفقة فی سبیل الله)

37. ଖୁଜିମ୍ ବିନ୍ ଫାତିକ[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] କହିଛନ୍ତି :

"ଯେ କେହି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ କିଛି ଖର୍ଚ୍ଚ କରେ ସେ ତାହାର ସାତ ଶହ ଗୁଣରୁ ଅଧିକ ପୁରସ୍କାର ପାଏ ।" (ତିରମିଜି)

٣٨- عَنْ اَنَسٍ رَضِيَ اللهُ عَنْهُ قَالَ : كَانَ اَبُوْ طَلْحَةَ رَضِيَ اللهُ عَنْهُ
اَكْثَرَ الْاَنْصَارِ بِالْمَدِيْنَةِ مَالًا مِنْ نَخْلٍ وَكَانَ اَحَبَّ اَمْوَالِهٖ
اِلَيْهِ بَيْرُحَاءَ ، وَكَانَتْ مُسْتَقْبِلَةَ الْمَسْجِدِ، وَكَانَ رَسُوْلُ اللهِ
صَلَّى اللهُ عَلَيْهِ وَسَلَّمَ يَدْخُلُهَا وَيَشْرَبُ مِنْ مَّآءٍ فِيْهَا طَيِّبٍ
، قَالَ اَنَسٌ : فَلَمَّا نَزَلَتْ هٰذِهِ الْاٰيَةُ :

لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ ، جَاءَ اَبُوْ طَلْحَةَ اِلٰى
رَسُوْلِ اللّٰهِ صَلَّى اللّٰهُ عَلَيْهِ وَسَلَّمَ فَقَالَ: يَارَسُوْلَ اللّٰهِ !
اِنَّ اللّٰهَ تَعَالٰى اَنْزَلَ عَلَيْكَ لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا
تُحِبُّوْنَ ، وَاِنَّ اَحَبَّ مَالِىْ اِلَىَّ بَيْرُحَاءَ وَاِنَّهَا صَدَقَةٌ لِلّٰهِ تَعَالٰى
اَرْجُوْ بِرَّهَا وَذُخْرَهَا عِنْدَ اللّٰهِ تَعَالٰى فَضَعْهَا يَا رَسُوْلَ اللّٰهِ
حَيْثُ اَرَاكَ اللّٰهُ ، فَقَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ
وَسَلَّمَ : بَخٍ! ذٰلِكَ مَالٌ رَابِحٌ ذٰلِكَ مَالٌ رَابِحٌ وَقَدْ سَمِعْتُ مَا
قُلْتَ وَاِنِّىْ اَرٰى اَنْ تَجْعَلَهَا فِى الْاَقْرَبِيْنَ ۔ فَقَالَ اَبُوْ طَلْحَةَ :
اَفْعَلُ يَارَسُوْلَ اللّٰهِ ! فَقَسَمَهَا اَبُوْ طَلْحَةَ فِىْ اَقَارِبِهٖ وَبَنِىْ عَمِّهٖ ۔
(بخاری کتاب التفسیر باب لن تنالوا البرّ حتّٰی تنفقوا ممّا تحبّون)

**38.** ଅନସ୍[ରଅ] ବର୍ଣ୍ଣନା କରିଛନ୍ତି :

ଅନସାରଙ୍କ ମଧ୍ୟରେ ଅବୁତଲ୍‌ହା ଅନ୍‌ସାରି ସବୁଠାରୁ ଧନି ବ୍ୟକ୍ତି ଥିଲେ । ହଜରତ ମୁହମ୍ମଦ[ସଅ]ଙ୍କର ମଦିନାକୁ ସ୍ଥାନାନ୍ତର ହେବା ପୂର୍ବରୁ ସେଠାକାର ବାସିନ୍ଦା ଯେଉଁମାନେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ, ସେମାନଙ୍କୁ 'ଅନସାର' କୁହାଯାଏ) । ଖଜୁରୀ ଉଦ୍ୟାନମାନ ତାଙ୍କ ଆୟର ପନ୍ଥା ଥିଲା ଓ 'ବିରହା' ନାମକ ଉଦ୍ୟାନ ତାଙ୍କର ଅତି ପ୍ରିୟ ଥିଲା । ତାହା ପବିତ୍ର ଅବତାର[ସଅ] ମସଜିଦ୍‌ର ବିପରୀତ ପାର୍ଶ୍ୱରେ ଥିଲା । ମହାଭାଗ ଏଠାକୁ ଯାଉଥିଲେ ଓ ଏଠାରୁ ବିଶୁଦ୍ଧ ଓ ନିର୍ମଳ ଜଳ ପାନ କରୁଥିଲେ । ଅନସ[ରଅ] କହୁଛନ୍ତି, "ଯେତେବେଳେ ଏହି ପୁଣ୍ୟ ଅର୍ଜନ (ଅର୍ଥାତ୍ କୁରଆନ ବାଣୀ)' ତୁମେ ଯେଉଁ ପଦାର୍ଥକୁ ଭଲ ପାଅ ତହିଁରୁ ଖର୍ଚ୍ଚ ନ କରିବା ପର୍ଯ୍ୟନ୍ତ ତୁମେ ପୁଣ୍ୟ ଅର୍ଜନ କରିପାରିବ ନାହିଁ' ଅବତୀର୍ଣ୍ଣ ହେଲା, ତଲ୍‌ହା[ରଅ] ପବିତ୍ର ଅବତାର[ସଅ]ଙ୍କ ନିକଟକୁ ଗଲେ ଓ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃ ଆପଣଙ୍କ ନିକଟରେ ପ୍ରକଟିତ କରିଛନ୍ତି, 'ତୁମେ ଯେଉଁ ପଦାର୍ଥକୁ ଭଲ ପାଅ, ତହିଁରୁ ବ୍ୟୟ ନ କରିବା ପର୍ଯ୍ୟନ୍ତ

ତୁମେ ପୁଣ୍ୟ ଅର୍ଜନ କରିପାରିବ ନାହିଁ' ଏବଂ ମୋର ଯାହା ସମ୍ପତ୍ତି ଅଛି ତନ୍ମଧ୍ୟରୁ ପ୍ରିୟତମ ହେଉଛି ବିରହା ଉଦ୍ୟାନ । ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ମୁଁ ତାହା ଦାନ ସ୍ୱରୂପ ଦେଉଛି, ଏବଂ ଆଶା କରୁଛି ଯେ ମୋର ଏହି ମହତ୍ କାର୍ଯ୍ୟକୁ ଅଲ୍ଲାଃ ଗ୍ରହଣ କରିବେ ଓ ତାହାକୁ ପରକାଳ ପାଇଁ ସଂରକ୍ଷିତ କରି ରଖିବେ । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃ ଯେପରି ଆପଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସେହିପରି ଏହାକୁ ଉପଯୋଗ କରନ୍ତୁ ।" ମହାଭାଗ କହିଲେ, "ଅତ୍ୟୁତ୍ତମ ! ଏହା ଏକ ଲାଭଜନକ ସମ୍ପତ୍ତି, ଏହା ଏକ ଲାଭଜନକ ସମ୍ପତ୍ତି । ତୁମେ ଯେଉଁ ପ୍ରସ୍ତାବ ଦେଉଛ ମୁଁ ତାହାକୁ ଶୁଣିଛି । କିନ୍ତୁ ମୁଁ ଭାବୁଛି ତୁମେ ତୁମର ବନ୍ଧୁମାନଙ୍କୁ ଏହା ଦେଇଦେବା ଉଚିତ ।" ଅବୁ ତଲହା କହିଲେ, 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣଙ୍କ କହିବା ମତେ ମୁଁ କରିବି ।' ତଦନୁସାରେ ଅବୁ ତଲହା ଏହାକୁ ନିଜ ନିକଟ ସମ୍ପର୍କୀୟ ଓ ନିଜ ପିତୃବ୍ୟଙ୍କ ସନ୍ତାନମାନଙ୍କ ମଧ୍ୟରେ ବାଣ୍ଟିଦେଲେ । (ବୁଖାରି, କିତାବୁଲ ତଫସିର)

۳۹- عَنْ عَدِيِّ بْنِ حَاتِمٍ رَضِيَ اللهُ عَنْهُ اَنَّ رَسُوْلَ اللهِ صَلَّى اللهُ عَلَيْهِ وَسَلَّمَ قَالَ : اِتَّقُوْا النَّارَ وَلَوْ بِشِقِّ تَمْرَةٍ۔

(بخاری کتاب الزکوٰۃ باب اتقوا النّار ولو بشق تمرۃ)

39. ଅଦିୟି ବିନ୍ ହାତିମ୍[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି : "ତୁମର ଦାନ ଗୋଟିଏ ଖଜୁରୀ କୋଳିର କିଛି ଅଂଶ ହେଉ ପଛକେ ନିଜକୁ ଅଗ୍ନିରୁ ରକ୍ଷା କରିବା ସକାଶେ ଦାନ ଦିଅ ।" (ବୁଖାରି, କିତାବୁଜ ଜକାତ୍)

۴۰- عَنْ عَائِشَةَ رَضِيَ اللهُ عَنْهَا قَالَتْ : قَالَ رَسُوْلُ اللهِ صَلَّى اللهُ عَلَيْهِ وَسَلَّمَ : اَلسَّخِيُّ قَرِيْبٌ مِنَ اللهِ تَعَالٰى قَرِيْبٌ مِنَ النَّاسِ قَرِيْبٌ مِنَ الْجَنَّةِ بَعِيْدٌ مِنَ النَّارِ وَالْبَخِيْلُ بَعِيْدٌ مِنَ اللهِ تَعَالٰى بَعِيْدٌ مِنَ النَّاسِ بَعِيْدٌ مِنَ الْجَنَّةِ قَرِيْبٌ مِنَ النَّارِ وَالْجَاهِلُ السَّخِيُّ اَحَبُّ اِلَى اللهِ تَعَالٰى مِنَ الْعَابِدِ الْبَخِيْلِ۔

(قشیریه ۔ الجود والسخاء)

**40.** ଆଏଶା[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ବଦାନ୍ୟବ୍ୟକ୍ତି ଅଲ୍ଲାଃଙ୍କର ନିକଟବର୍ତ୍ତୀ, ଲୋକମାନଙ୍କର ନିକଟବର୍ତ୍ତୀ ତଥା ବୈକୁଣ୍ଠର ନିକଟବର୍ତ୍ତୀ ଅଥଚ ସେ ନର୍କ ଠାରୁ ଖୁବ୍ ଦୂରରେ । ଅନ୍ୟ ପକ୍ଷରେ, କୃପଣ ବ୍ୟକ୍ତି ଅଲ୍ଲାଃଙ୍କ ଠାରୁ ତଥା ଲୋକମାନଙ୍କ ଠାରୁ ଓ ବୈକୁଣ୍ଠ ଠାରୁ ଖୁବ୍ ଦୂରରେ, ଅଥଚ ନର୍କର ଖୁବ୍ ନିକଟରେ । ଜଣେ ଅଜ୍ଞ ବଦାନ୍ୟ ବ୍ୟକ୍ତି ଜଣେ କୃପଣ ଉପାସକ ଅପେକ୍ଷା ଅଲ୍ଲାଃଙ୍କର ଅଧିକ ପ୍ରିୟ ।"

(କୁଶାରିୟା, ଅଲ ଜୁଦୁଲ ସଖା)

٤١- عَنْ اَبِیْ هُرَیْرَةَ قَالَ قَالَ رَجُلٌ : یَا رَسُوْلَ اللهِ ! اَیُّ الصَّدَقَةِ
اَعْظَمُ اَجْرًا قَالَ: اَنْ تَصَدَّقَ وَاَنْتَ صَحِیْحٌ تَخْشَی الْفَقْرَ
وَتَاْمَلُ الْغِنٰی وَلَا تُمْهِلْ حَتّٰی اِذَا بَلَغَتِ الْحُلْقُوْمَ قُلْتَ لِفُلَانٍ
كَذَا وَ كَذَا وَقَدْ كَانَ لِفُلَانٍ- (مشكوٰة كتاب الانفاق)

ଅବୁ ହୁରେରା[ରଅ] ବର୍ଣ୍ଣନା କରୁଛନ୍ତି ଯେ ଜନୈକ ବ୍ୟକ୍ତି ପବିତ୍ର ଅବତାର[ସଅ]ଙ୍କୁ ପଚାରିଲେ :

"ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କେଉଁ ଦାନ ପାଇଁ ସର୍ବଶ୍ରେଷ୍ଠ ପୁରସ୍କାର ଅଛି ?" ଅଲ୍ଲାଃଙ୍କ ବାର୍ତ୍ତାବହ ଉତ୍ତର ଦେଲେ, "ତୁମେ ଉତ୍ତମ ସ୍ୱାସ୍ଥ୍ୟବାନ ଥିଲାବେଳେ, ନିଜେ ଅଭାବଗ୍ରସ୍ତ ଥିଲାବେଳେ ଓ ଦାରିଦ୍ର୍ୟକୁ ଭୟ କରି ଧନବାନ୍ ହେବାକୁ ଅଭିଳାଷ ରଖିଥିବା ବେଳେ ଯଦି ତୁମେ ଏହାସତ୍ତ୍ୱେ ଅବହେଳା ନ କରି ଯେଉଁ ଦାନ ଦିଅ ତେବେ ସେହି ଦାନ ସର୍ବଶ୍ରେଷ୍ଠ । କିନ୍ତୁ ଯଦି ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ଦାନ ନକରି ଶେଷରେ ଦାନ କରିବ ତେବେ ତାହା ପ୍ରକୃତ ଦାନ ନୁହେଁ ।"

(ମିସ୍କାତ୍, କିତାବୁଲ ଇନଫାକ୍)

# ସତ୍‌କର୍ମର ନିର୍ଦ୍ଦେଶ ଓ ଅସତ୍‌କର୍ମର ବାରଣ

٤٢- عَنْ حُذَيْفَةَ رَضِيَ اللهُ عَنْهُ اَنَّ النَّبِيَّ صَلَّى اللهُ عَلَيْهِ وَسَلَّمَ
قَالَ : وَالَّذِيْ نَفْسِيْ بِيَدِهٖ لَتَاْمُرُوْنَ بِالْمَعْرُوْفِ وَلَتَنْهَوُنَّ
عَنِ الْمُنْكَرِ اَوْ لَيُوْشِكَنَّ اللهُ اَنْ يَبْعَثَ عَلَيْكُمْ عِقَابًا مِنْهُ
ثُمَّ تَدْعُوْنَهٗ فَلَا يُسْتَجَابُ لَكُمْ ۔

(ترمذی ابواب الفتن باب الامر بالمعروف والنهی عن المنكر)

42. ହୋଜେଫା[ରଅ] ବର୍ଣ୍ଣନା କରିଛନ୍ତି ଯେ ପବିତ୍ର ଅବତାର[ସଅ] ଏହିରୂପେ କହିଛନ୍ତି :

"ମୋ ଜୀବନ ଯାହାଙ୍କ ହାତରେ ଅଛି, ମୁଁ ତାଙ୍କ ନାମରେ ଶପଥ କରୁଛି ଯେ ତୁମେ ନିଶ୍ଚିତ ଭାବରେ ଲୋକମାନଙ୍କୁ ସତ୍‌କର୍ମ କରିବା ପାଇଁ ନିର୍ଦ୍ଦେଶ ଦିଅ ଏବଂ ଅସତ୍ କର୍ମ କରିବା ପାଇଁ ବାରଣ କର । ଅନ୍ୟଥା ତୁମକୁ ଅଲ୍ଲାଃଙ୍କ ଠାରୁ କଠୋର ଶାସ୍ତି ମିଳିବାର ଯଥେଷ୍ଟ ସମ୍ଭାବନା ଅଛି । ସେତେବେଳେକୁ ଖୁବ୍ ବିଳମ୍ବ ହୋଇଯାଇଥିବ, ତୁମେ ଅନୁନୟ କରିବ ମାତ୍ର ତାହା ଗୃହୀତ ହେବ ନାହିଁ ।"

(ତିରମିଜି, ଅବଓ୍ୱାବୁଲ ଫିତନ)

٤٣- عَنْ نُعْمَانَ بْنِ بَشِيْرٍ رَضِيَ اللهُ عَنْهُمَا عَنِ النَّبِيِّ صَلَّى اللهُ
عَلَيْهِ وَسَلَّمَ قَالَ : مَثَلُ الْقَائِمِ عَلٰى حُدُوْدِ اللهِ وَالْوَاقِعِ فِيْهَا
كَمَثَلِ قَوْمٍ اسْتَهَمُوْا عَلٰى سَفِيْنَةٍ فَأَصَابَ بَعْضُهُمْ اَعْلَاهَا
وَبَعْضُهُمْ أَسْفَلَهَا فَكَانَ الَّذِيْنَ فِيْ أَسْفَلِهَا اِذَا اسْتَقَوْا
مِنَ الْمَآءِ مَرُّوْا عَلٰى مَنْ فَوْقَهُمْ ۔ فَقَالُوْا لَوْ أَنَّا خَرَقْنَا فِيْ
نَصِيْبِنَا خَرْقًا وَلَمْ نُؤْذِ مَنْ فَوْقَنَا فَاِنْ يَتْرُكُوْهُمْ وَمَا اَرَادُوْا
هَلَكُوْا جَمِيْعًا وَاِنْ اَخَذُوْا عَلٰى أَيْدِيْهِمْ نَجَوْا وَنَجَوْا جَمِيْعًا ۔

(بخاری كتاب الشركة باب هل يقرع فی القسمة والاستهام فيه)

**43.** ନୋମାନ ବିନ୍ ବଶିର୍[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହି ରୂପେ କହିଛନ୍ତି :

"ଅଲ୍ଲାଃଙ୍କ ନିର୍ଦ୍ଧାରିତ ସୀମାକୁ ମାନି ଚଳିବା ବ୍ୟକ୍ତି ଓ ଏହାକୁ ଅମାନ୍ୟ କରିବା ବ୍ୟକ୍ତିଙ୍କ ଅବସ୍ଥା ନୌକାରେ ବସିବା ସ୍ଥାନ ରଖିବା ବିଷୟରେ ଭାଗ୍ୟଗୁଳା ପକାଉଥିବା ବ୍ୟକ୍ତିମାନଙ୍କ ସଦୃଶ । ସେମାନଙ୍କ ମଧ୍ୟରୁ କେତେକଙ୍କୁ ଉପର ଡ଼େକ୍‌ରେ ଓ ଆଉ କେତେକଙ୍କୁ ତଳ ଡେକ୍‌ରେ ସ୍ଥାନ ମିଳିଥାଏ । ତଳ ଡ଼େକ୍‌ରେ ଥିବା ଲୋକ ଜଳ ଆବଶ୍ୟକ କଲେ ସେମାନଙ୍କୁ ତାଙ୍କ ଉପର ଲୋକଙ୍କୁ ଅତିକ୍ରମ କରି ଯିବାକୁ ପଡ଼େ । ସେମାନେ ପ୍ରସ୍ତାବ ଦିଅନ୍ତି 'ଜାହାଜର ଯେଉଁ ଯାଗାରେ ଆମେ ଅଛୁଁ ଯଦି କରି ଯିବାକୁ ପଡ଼େ । ସେମାନେ ପ୍ରସ୍ତାବ ଦିଅନ୍ତି 'ଜାହାଜର ଯେଉଁ ଯାଗାରେ ଆମେ ଅଛୁଁ ଯଦି ସେଠାରେ ଛିଦ୍ରଟିଏ କରି ଦିଆଯାଏ, ତେବେ ଆମେ ଆମ ଉପର ଲୋକଙ୍କୁ ହଇରାଣ କରନ୍ତୁ ନାହିଁ ।' ଯଦି ଉପର ଡ଼େକ୍‌ରେ ଥିବା ଲୋକମାନେ ସେମାନଙ୍କୁ ଏହା କରିବାକୁ ଛାଡ଼ି ଦିଅନ୍ତି, ତେବେ ସେମାନେ ସମସ୍ତେ ଧ୍ୱଂସ ହୋଇଯିବେ । ଅନ୍ୟ ପକ୍ଷରେ, ସେମାନଙ୍କୁ ସେଥିରୁ କ୍ଷାନ୍ତ କଲେ ସମସ୍ତେ ନିରାପଦରେ ରହିବେ ।"

(ବୁଖାରି, କିତାବୁଲ ଶିରକତ)

# ଅଲ୍ଲାଃଙ୍କ ନିକଟକୁ ଲୋକମାନଙ୍କୁ ନିମନ୍ତ୍ରଣ

۴۴- عَنْ سَهْلِ بْنِ سَعْدٍ رَضِيَ اللهُ عَنْهُ اَنَّ النَّبِيَّ صَلَّى اللهُ عَلَيْهِ وَسَلَّمَ قَالَ لِعَلِيٍّ رَضِيَ اللهُ عَنْهُ : فَوَاللهِ لَاَنْ يَّهْدِيَ اللهُ بِكَ رَجُلًا وَاحِدًا خَيْرٌ لَكَ مِنْ حُمْرِ النَّعَمِ ـ

(مسلم كتاب الفضائل باب فضائل علی بن ابی طالب وبخاری کتاب الجهاد)

**44.** ସୋହେଲ ବିନ୍ ସା'ଦ[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଅଲ୍ଲି[ରଅ]ଙ୍କୁ କହିଲେ :

"ଅଲ୍ଲାଃଙ୍କ ରାଣ ! ଯଦି ଗୋଟିଏ ଲୋକକୁ ସତ୍ୟ ମାର୍ଗରେ ପରିଚାଳିତ କରାଇବାକୁ ଅଲ୍ଲାଃ ତୁମକୁ ସାହାଯ୍ୟ କରନ୍ତି, ତେବେ ତୁମ ପାଇଁ (ସବୁଠାରୁ ଅଧିକ ମୂଲ୍ୟବାନ) କସରା ଓଟ ଅପେକ୍ଷା ଶ୍ରେୟଙ୍କର ହେବ ।" (ମୁସଲିମ୍, କିତାବୁଲ ଫଜାଇଲ୍)

۴۵- عَنْ اَبِیْ هُرَیْرَةَ رَضِیَ اللّٰهُ عَنْهُ اَنَّ رَسُوْلَ اللّٰهِ صَلَّی اللّٰهُ عَلَیْهِ وَسَلَّمَ قَالَ : مَنْ دَعَا اِلٰی هُدًی کَانَ لَهٗ مِنَ الْاَجْرِ مِثْلُ اُجُوْرِ مَنْ تَبِعَهٗ لَا یَنْقُصُ ذٰلِكَ مِنْ اُجُوْرِهِمْ شَیْئًا ـ وَمَنْ دَعَا اِلٰی ضَلَالَةٍ کَانَ عَلَیْهِ مِنَ الْاِثْمِ مِثْلُ اٰثَامِ مَنْ تَبِعَهٗ لَا یَنْقُصُ ذٰلِكَ مِنْ اٰثَامِهِمْ شَیْئًا ـ

(مسلم کتاب العلم باب من سنّ حسنة اوسیئة)

45. ଅବୁ ହୁରେରାଃ[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ଯେଉଁ ବ୍ୟକ୍ତି ଲୋକମାନଙ୍କୁ ସତ୍ୟ ଆଡ଼କୁ ଆହ୍ୱାନ କରେ, (ତାଙ୍କ ଆହ୍ୱାନରେ) ସତ୍ୟକୁ ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କର ପୁରସ୍କାର ଯେତେ, ସେହି ବ୍ୟକ୍ତିଙ୍କର ପୁରସ୍କାର ସେତେ ଓ ସେମାନଙ୍କ ପୁରସ୍କାରରୁ କିଛି ଊଣା କରାଯିବ ନାହିଁ । ସେହିପରି ଯେଉଁ ବ୍ୟକ୍ତି ଅନ୍ୟମାନଙ୍କୁ ପାପ ଆଡ଼କୁ ପ୍ରଲୋଭିତ କରେ, ସେ ତା' ପ୍ରଲୋଭନରେ କରାଯାଇଥିବା ସମସ୍ତ ପାପର ବୋଝକୁ ବହନ କରେ ଏବଂ ଯେଉଁମାନେ ପାପ କରନ୍ତି ସେମାନଙ୍କ ଦଣ୍ଡରୁ କିଛି ବି କମ୍ କରାଯାଏ ନାହିଁ ।"

(ମୁସଲିମ୍, କିତାବୁଲ ଇମାମ)

۴۶- عَنْ اَنَسٍ رَضِیَ اللّٰهُ عَنْهُ عَنِ النَّبِیِّ صَلَّی اللّٰهُ عَلَیْهِ وَسَلَّمَ قَالَ : یَسِّرُوْا وَلَا تُعَسِّرُوْا ، وَبَشِّرُوْا وَلَا تُنَفِّرُوْا ـ

(مسلم کتاب الجهاد باب فی الامر بالتیسیر وترك التنفیر)

46. ଅନସ୍[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ଧର୍ମକୁ ସହଜ କର ଯେପରି ଅନ୍ୟମାନେ ଅନୁସରଣ କରିପାରିବେ । ଏହାକୁ କଠିନ କର ନାହିଁ । ସେହିପରି ଧର୍ମକୁ ପ୍ରୀତିକର ଭାବେ ଉପସ୍ଥାପିତ କର । ଅନ୍ୟମାନଙ୍କ ପାଇଁ ଏହାକୁ ଘୃଣା ବ୍ୟଞ୍ଜକ କର ନାହିଁ ।"

(ମୁସଲିମ୍, କିତାବୁଲ ଜିହାଦ୍)

# ବାଧ୍ୟତାମୂଳକ ଓ ନିଷିଦ୍ଧ କର୍ମ

۴۷- عَنْ اَبِي ثَعْلَبَةَ الْخُشَنِيِّ جُرْثُوْمِ بْنِ نَاشِرٍ رَضِيَ اللّٰهُ عَنْهُ عَنْ
رَسُوْلِ اللّٰهِ صَلَّى عَلَيْهِ وَسَلَّمَ قَالَ اِنَّ اللّٰهَ تَعَالٰى
فَرَضَ فَرَآئِضَ فَلَا تُضَيِّعُوْهَا ، وَحَدَّلَكُمْ حُدُوْدًا فَلَا
تَعْتَدُوْهَا وَحَرَّمَ اَشْيَآءَ فَلَا تَنْتَهِكُوْهَا وَسَكَتَ عَنْ اَشْيَآءَ
رَحْمَةً لَكُمْ غَيْرَ نِسْيَانٍ فَلَا تَبْحَثُوْا عَنْهَا ۔ (دار قطنى)

**47.** ଅବି ଥା'ଲା ବତଲ୍ ଖୁଶନିଙ୍ଘି ଜୁରସୁମ୍ ବିନ୍ ନାସେର୍[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ସର୍ବଶକ୍ତିମାନ ଅଲ୍ଲାଃ କେତେକ କର୍ମକୁ ବାଧ୍ୟତାମୂଳକ କରିଛନ୍ତି, ସେଗୁଡ଼ିକ ଅବଜ୍ଞା କର ନାହିଁ । ସେ କେତେକ ସୀମା ନିର୍ଦ୍ଧାରଣ କରିଛନ୍ତି : ସେଗୁଡ଼ିକ ଲଂଘନ କରନାହିଁ । ସେ କେତେକ ବସ୍ତୁକୁ ନିଷେଧ କରିଛନ୍ତି; ସେଗୁଡ଼ିକର ନିକଟକୁ ଯାଅ ନାହିଁ । ସେ ଭୁଲି ନ ଯାଇ ବରଂ ତୁମମାନଙ୍କ ପ୍ରତି ଦୟା ପରବଶ ହୋଇ ଅନ୍ୟ କେତେକ ବସ୍ତୁ ସମ୍ବନ୍ଧରେ ନୀରବ ରହିଛନ୍ତି । ତେଣୁ ସେସବୁ ବିଷୟରେ ଅନାବଶ୍ୟକ ପ୍ରଶ୍ନ ପଚାର ନାହିଁ ।" (ହଦିସ୍ : ଦାରକୁତନି)

۴۸- عَنِ النُّعْمَانِ بْنِ بَشِيْرٍ رَضِيَ اللّٰهُ عَنْهُمَا قَالَ : سَمِعْتُ
رَسُوْلَ اللّٰهِ صَلَّى اللّٰهُ عَلَيْهِ وَسَلَّمَ يَقُوْلُ : اِنَّ الْحَلَالَ بَيِّنٌ
وَاِنَّ الْحَرَامَ بَيِّنٌ وَبَيْنَهُمَا مُشْتَبِهَاتٌ لَا يَعْلَمُهُنَّ كَثِيْرٌ
مِّنَ النَّاسِ فَمَنِ اتَّقَى الشُّبُهَاتِ اِسْتَبْرَاَ لِدِيْنِهٖ وَعِرْضِهٖ ، وَمَنْ
وَقَعَ فِي الشُّبُهَاتِ وَقَعَ فِي الْحَرَامِ كَالرَّاعِيْ يَرْعٰى حَوْلَ الْحِمٰى
يُوْشِكُ اَنْ يَّرْتَعَ فِيْهِ ، اَلَا وَاِنَّ لِكُلِّ مَلِكٍ حِمًى ، اَلَا وَاِنَّ حِمَى

اللّٰهِ مَحَارِمُهٗ. اَلَا وَاِنَّ فِى الْجَسَدِ مُضْغَةً اِذَا صَلَحَتْ صَلَحَ الْجَسَدُ كُلُّهٗ، وَاِذَا فَسَدَتْ فَسَدَ الْجَسَدُ كُلُّهٗ: اَلَا وَهِىَ الْقَلْبُ ـ

(مسلم کتاب البیوع باب اخذ الحلال)

**48.** ନୋ'ମାନ୍ ବିନ୍ ବଶିର୍[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଥିବାର ସେ ଶୁଣିଛନ୍ତି :

"କେଉଁଟି ଆଇନ-ସଙ୍ଗତ ଓ କେଉଁଟି ନିଷେଧାତ୍ମକ ତାହା ସ୍ପଷ୍ଟ କରି ଦିଆଯାଇଛି । ଏହି ଦୁଇଟି ମଧ୍ୟରେ ଏପରି କେତେକ ବସ୍ତୁ ରହିଛି ଯାହାର କୌଣସି ବ୍ୟାଖ୍ୟା କରାଯାଇ ନାହିଁ । ସେଗୁଡ଼ିକ କେଉଁ ପର୍ଯ୍ୟାକ୍ତଭୁକ୍ତ ଅଧିକାଂଶ ଲୋକ ଏହା ଜାଣନ୍ତି ନାହିଁ । ସେ ସବୁଥିରୁ ଯିଏ ଦୂରେଇ ରହେ, ସେ ନିଜ ବିଶ୍ୱାସ ଓ ସମ୍ମାନକୁ ସୁରକ୍ଷିତ ରଖେ । ଯେଉଁ ବ୍ୟକ୍ତି ସନ୍ଦେହ ଭିତରକୁ ପ୍ରବେଶ କରେ ସେ ସମ୍ଭବତଃ ନିଷିଦ୍ଧାଞ୍ଚଳକୁ ପ୍ରବେଶ କରିଥାଏ । ସେ ଜଣେ ମେଷପାଳକ ସଦୃଶ, ଯିଏ କି ତାର ମେଣ୍ଢାପଲକୁ ଏପରି ଏକ ନିଷିଦ୍ଧାଞ୍ଚଳ ଚାରି ପାଖରେ ଚରିବାକୁ ଛାଡ଼ିଦିଏ, ଯାହା ଭିତରକୁ ମେଣ୍ଢାପଲ ପଶି ଯିବାର ଭୟଥାଏ । ମନେରଖ! ପ୍ରତ୍ୟେକ ସମ୍ରାଟଙ୍କର ଏକ ନିଷିଦ୍ଧାଞ୍ଚଳ ଅଛି । ଅଲ୍ଲାଃଙ୍କ ନିଷିଦ୍ଧାଞ୍ଚଳରେ ନିଷେଧ କରାଯାଇଥିବା ସବୁ ଜିନିଷ ଥାଏ । ସାବଧାନ ! ଶରୀରରେ ଏପରି ଏକ ଅଙ୍ଗ ଅଛି ଯାହା ସୁସ୍ଥ ଥିବା ଯାଏ ସାରା ଶରୀର ସୁସ୍ଥ ଥାଏ । ଏହା ରୋଗଗ୍ରସ୍ତ ହେବାକ୍ଷଣି ସାରା ଶରୀର ରୋଗଗ୍ରସ୍ତ ହୋଇପଡ଼େ । ମନେରଖ ! ସେହି ଅଙ୍ଗଟି ହେଉଛି ହୃଦୟ ।"

(ମୁସଲିମ୍, କିତାବୁଲ ବୟୁ)

# ନିକାହ : ମୁସଲିମ ବିବାହ

۴۹- عَنْ اَبِیْ هُرَيْرَةَ رَضِىَ اللّٰهُ عَنْهُ عَنِ النَّبِيِّ صَلَّى اللّٰهُ عَلَيْهِ وَسَلَّمَ قَالَ: تُنْكَحُ الْمَرْأَةُ لِاَرْبَعٍ لِمَالِهَا وَلِحَسَبِهَا وَجَمَالِهَا وَلِدِيْنِهَا، فَاظْفَرْ بِذَاتِ الدِّيْنِ تَرِبَتْ يَدَاكَ ـ

(بخاری کتاب النکاح باب الا کفاء فی الدین)

49. ଅବୁ ହୁରେରାଃ[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ସାଧାରଣତଃ ଚରୋଟି କାରଣରୁ ଜଣେ ପୁରୁଷ ଜଣେ ନାରୀକୁ ବିବାହ କରେ – ତା'ର ସମ୍ପତ୍ତି, ତା'ର ପରିବାର, ତା'ର ସୌନ୍ଦର୍ଯ୍ୟ କିମ୍ବା ତା'ର ଧର୍ମପରାୟଣତା । ଯେ ଧର୍ମ ପରାୟଣାତାକୁ ଅଗ୍ରାଧିକାର ଦିଅ । ତୁମେ ବିନମ୍ର ରୁହ ।"

(ବୁଖାରି, କିତାବୁନ ନିକାହ)

٥٠- عَنْ اَبِیْ هُرَیْرَةَ رَضِیَ اللهُ عَنْهُ اَنَّهٗ كَانَ یَقُوْلُ : شَرُّ الطَّعَامِ طَعَامُ الْوَلِیْمَةِ یُدْعٰی لَهَا الْاَغْنِیَاءُ وَیُتْرَكُ الْفُقَرَاءُ، وَمَنْ لَمْ یُجِبِ الدَّعْوَةَ فَقَدْ عَصَی اللهَ وَرَسُوْلَهٗ۔

(مسلم کتاب النّکاح باب الامر باجابة الداعی الی دعوة)

50. ଅବୁ ହୁରେରାଃ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ଯେଉଁ ବିବାହ ଭୋଜିରେ କେବଳ ଧନୀମାନଙ୍କୁ ନିମନ୍ତ୍ରଣ କରାଯାଏ ଓ ଗରିବମାନଙ୍କୁ ବାଦ୍ ଦିଆଯାଏ, ତାହା ହେଉଛି ସବୁଠାରୁ ନିକୃଷ୍ଟ ଭୋଜି । (ବିନମ୍ର ବ୍ୟକ୍ତି ଦ୍ୱାରା) ନିମନ୍ତ୍ରିତ ହୋଇ ଯିଏ (ନିଜର ଔଦ୍ଧତ୍ୟ ଯୋଗୁଁ) ନିମନ୍ତ୍ରଣ ରକ୍ଷା କରେ ନାହିଁ, ସେ ଅଲ୍ଲାଃଙ୍କର ଓ ତାଙ୍କ ବାର୍ତ୍ତାବହଙ୍କର ଅବାଧ୍ୟ ହୁଏ ।"

(ମୁସଲିମ୍, କିତାବୁନ ନିକାହ)

٥١- عَنِ ابْنِ عُمَرَ رَضِیَ اللهُ عَنْهُ اَنَّ النَّبِیَّ صَلَّی اللهُ عَلَیْهِ وَسَلَّمَ قَالَ : اَبْغَضُ الْحَلَالِ اِلَی اللهِ عَزَّ وَجَلَّ الطَّلَاقُ۔

(ابوداؤد کتاب الطلاق باب فی کراهیة الطلاق)

51. ଇବ୍ନ ଉମର[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ସର୍ବଶକ୍ତିମାନ ଅଲ୍ଲାଃଙ୍କ ଦୃଷ୍ଟିରେ ଯାହା ସବୁ ଆଇନ ଅନୁମୋଦିତ ବିଷୟ ଅଛି, ତା' ମଧ୍ୟରୁ ତଲାକ୍ (ଅର୍ଥାତ୍ ବିବାହ ବିଚ୍ଛେଦ) ହେଉଛି ସବୁଠାରୁ ଘୃଣ୍ୟ ବିଷୟ ।"

(ଅବୁ ଦାଉଦ, କିତାବୁତ ତଲାକ)

۵۲- عَنْ عَائِشَةَ قَالَتْ قَالَ رَسُوْلُ اللهِ صَلَّى اللهُ عَلَيْهِ وَسَلَّمَ :
خَيْرُكُمْ خَيْرُكُمْ لِاَهْلِهٖ وَاَنَا خَيْرُكُمْ لِاَهْلِيْ۔
(ابوداؤد)

52. ଆଏଶା[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହି ପ୍ରକାରେ କହିଛନ୍ତି :

"ଯିଏ ନିଜ ପରିବାର ପ୍ରତି ସବୁଠାରୁ ଭଲ, ସେ ହିଁ ତୁମମାନଙ୍କ ଭିତରେ ସବୁଠାରୁ ଭଲ । ନିଜ ପରିବାର ପ୍ରତି ଯେଉଁ ବ୍ୟକ୍ତିମାନେ ଭଲ ମୁଁ ସେମାନଙ୍କ ମଧ୍ୟରେ ସବୁଠାରୁ ଭଲ ।" (ହଦିସ : ଅବୁଦାଉଦ)

# ଉତ୍ତମ ଆଚରଣ

۵۳- عَنْ جَابِرٍ رَضِیَ اللهُ عَنْهُ اَنَّ رَسُوْلَ اللهِ صَلَّى اللهُ عَلَيْهِ
وَسَلَّمَ قَالَ : اِنَّ مِنْ اَحَبِّكُمْ اِلَیَّ وَاَقْرَبِكُمْ مِنِّیْ مَجْلِسًا يَوْمَ
الْقِيَامَةِ اَحَاسِنُكُمْ اَخْلَاقًا، وَاِنَّ مِنْ اَبْغَضِكُمْ اِلَیَّ وَاَبْعَدِكُمْ
مِنِّیْ يَوْمَ الْقِيَامَةِ اَلثَّرْثَارُوْنَ وَالْمُتَشَدِّقُوْنَ وَالْمُتَفَيْهِقُوْنَ !
قَالُوْا : يَا رَسُوْلَ اللهِ ! قَدْ عَلِمْنَا الثَّرْثَارُوْنَ وَالْمُتَشَدِّقُوْنَ فَمَا
الْمُتَفَيْهِقُوْنَ؟ قَالَ : اَلْمُتَكَبِّرُوْنَ۔
(ترمذی کتاب البرّ والصلة باب فی معالی الاخلاق)

53. ଜାବିର୍[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହି ପ୍ରକାରେ କହିଛନ୍ତି :

"ଯେ ସବୁଠାରୁ ଅଧିକ ସୁଶୀଳ, ବିଚାର ଦିବସରେ ସେ ହିଁ ମୋର ପ୍ରିୟତମ ଓ ନିକଟତମ ହେବ । ତୁମମାନଙ୍କ ଭିତରୁ ଯିଏ ସବୁଠାରୁ ଅଧିକ ବୀଭତ୍ସ ଓ ଯାହାକୁ ବିଚାର ଦିବସରେ ମୋ ଠାରୁ ବହୁ ଦୂରକୁ ସ୍ଥାନାନ୍ତର କରାଯିବ, ସେ ହେଉଛି ଗର୍ବୀ, ବୃଥା ଅହଂକାରୀ ଓ 'ମୁତାଫୈହିକୁନ' । ସାଥୀମାନେ ପଚାରିଲେ "ଯେଉଁମାନେ ଗର୍ବୀ ଓ ଯେଉଁମାନେ ଅହଙ୍କାରୀ ସେମାନଙ୍କୁ ଆମେ ଜାଣୁଁ, କିନ୍ତୁ କେଉଁମାନେ

'ମୁତଫୈହିକୁନ୍' ଅଟନ୍ତି ?' ପବିତ୍ର ରସୁଲ[ସଅ] କହିଲେ "ଯେଉଁମାନେ ଉଦ୍ଧତ ଓ ଈର୍ଷାପରାୟଣ ସେହିମାନେ ହିଁ ମୁତାଫୈହିକୁନ ।"

(ତିରମିଜି, କିତାବୁଲ ବିରରେ ଓସ୍ ସଲାତ)

-٥٤ عَنْ اَبِىْ هُرَيْرَةَ رَضِىَ اللهُ عَنْهُ قَالَ قَالَ رَسُوْلُ اللهِ صَلَّى اللهُ عَلَيْهِ وَسَلَّمَ اِنَّمَا بُعِثْتُ لِاُتَمِّمَ مَكَارِمَ الْاَخْلَاقِ ۔

(السنن الكبرىٰ كتاب الشهادة باب بيان مكارم الاخلاق)

54. ଅବୁ ହୁରେରାଃ[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି : "ସର୍ବଶ୍ରେଷ୍ଠ ନୈତିକତାକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ମୋତେ ପଠାଯାଇଛି ।"

(ଅଲ୍ ସୁନନ୍ ଅଲ୍ କୁବ୍ରା)

-٥٥ عَنْ اَبِىْ هُرَيْرَةَ رَضِىَ اللهُ عَنْهُ عَنِ النَّبِىِّ صَلَّى اللهُ عَلَيْهِ وَسَلَّمَ قَالَ : مَنْ نَفَّسَ عَنْ مُؤْمِنٍ كُرْبَةً مِّنْ كُرَبِ الدُّنْيَا نَفَّسَ اللهُ عَنْهُ كُرْبَةً مِّنْ كُرَبِ يَوْمِ الْقِيَامَةِ وَمَنْ يَّسَّرَ عَلٰى مُعْسِرٍ يَسَّرَ اللهُ عَلَيْهِ فِى الدُّنْيَا وَالْاٰخِرَةِ وَمَنْ سَتَرَ مُسْلِمًا سَتَرَهُ اللهُ فِى الدُّنْيَا وَالْاٰخِرَةِ ، وَاللهُ فِىْ عَوْنِ الْعَبْدِ مَا كَانَ الْعَبْدُ فِىْ عَوْنِ اَخِيْهِ ، وَمَنْ سَلَكَ طَرِيْقًا يَلْتَمِسُ فِيْهِ عِلْمًا سَهَّلَ اللهُ بِهٖ طَرِيْقًا اِلَى الْجَنَّةِ ، وَمَا اجْتَمَعَ قَوْمٌ فِىْ بَيْتٍ مِّنْ بُيُوْتِ اللهِ تَعَالٰى يَتْلُوْنَ كِتَابَ اللهِ وَيَتَدَارَسُوْنَهٗ بَيْنَهُمْ اِلَّا نَزَلَتْ عَلَيْهِمُ السَّكِيْنَةُ وَغَشِيَتْهُمُ الرَّحْمَةُ وَحَفَّتْهُمُ الْمَلَائِكَةُ وَذَكَرَهُمُ اللهُ فِيْمَنْ عِنْدَهٗ وَمَنْ بَطَّاَ بِهٖ عَمَلُهٗ لَمْ يُسْرِعْ بِهٖ نَسَبُهٗ

(مسلم كتاب الذكر باب فضل الاجتماع على تلاوة القراٰن وعلى الذكر)

**55.** ଅବୁ ହୁରେରାଃ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିରୂପେ କହିଛନ୍ତି :

"ଏହି ସଂସାରରେ ଯେଉଁ ବ୍ୟକ୍ତି ଜଣେ ଧର୍ମବିଶ୍ୱାସୀକୁ ଦୁଶ୍ଚିନ୍ତାରୁ ମୁକ୍ତ କରେ, ଅଲ୍ଲାଃ ବିଚାର ଦିବସରେ ତାକୁ ତା'ର ଯନ୍ତ୍ରଣାରୁ ମୁକ୍ତ କରନ୍ତି । ଯେଉଁ ବ୍ୟକ୍ତିର ଜୀବିକାର୍ଜନ ଉପାୟ ସଂକୁଚିତ ହୋଇଯାଇଛି ତା'ପ୍ରତି ଯିଏ ଅନୁଗ୍ରହଶୀଳ, ଅଲ୍ଲାଃ ତା'ପ୍ରତି ଇହଲୋକରେ ତଥା ପରଲୋକରେ ଅନୁଗ୍ରହଶୀଳ ହେବେ । ଜଣେ ମୁସଲମାନର ଦୁର୍ବଳତାକୁ ଯିଏ ଘୋଡ଼େଇ ରଖେ, ଅଲ୍ଲାଃ ତାକୁ ଇହଲୋକରେ ଓ ପରଲୋକରେ ସୁରକ୍ଷା ପ୍ରଦାନ କରିବେ । ଯିଏ ତା' ଭାଇ ପ୍ରତି ସାହାଯ୍ୟକାରୀ, ଅଲ୍ଲାଃ ସର୍ବଦା ତା'ପାଖେ ଛିଡ଼ା ହୋଇଥା'ନ୍ତି । ଯେଉଁ ବ୍ୟକ୍ତି ଜ୍ଞାନ ଅନ୍ୱେଷଣ ପଥର ପଥିକ ବୈକୁଣ୍ଠ ଯିବା ପାଇଁ ଅଲ୍ଲାଃ ତା'ର ମାର୍ଗକୁ ତଦ୍ଦ୍ୱାରା ସୁଗମ କରିବେ । ଯେଉଁମାନେ ଅଲ୍ଲାଃଙ୍କର ଯେ କୌଣସି ଗୃହରେ ତାଙ୍କ ଗ୍ରନ୍ଥ ଆବୃତ୍ତି କରିବା ପାଇଁ ଏକତ୍ରିତ ହୁଅନ୍ତି ଏବଂ ପରସ୍ପରକୁ ଶିକ୍ଷା ଦିଅନ୍ତି, ଅଲ୍ଲାଃ ନିଶ୍ଚିତ ଭାବରେ ସେମାନଙ୍କୁ ପ୍ରଶାନ୍ତି ପ୍ରଦାନ କରିଥାନ୍ତି । ସେମାନେ ତାଙ୍କ କୃପାଶ୍ରିତ ହୋଇ ରହନ୍ତି ଓ ସେମାନଙ୍କୁ ଦେବଦୂତମାନେ ଘେରି ରହନ୍ତି । ଯେଉଁମାନେ ଅଲ୍ଲାଃଙ୍କର ନିକଟତମ ସେ ସେମାନଙ୍କୁ ସେହିମାନଙ୍କ କଥା କହନ୍ତି । ଯେଉଁ ବ୍ୟକ୍ତି ନିଜ କର୍ମ ଯୋଗୁଁ ପଛରେ ପଡ଼ିରହେ, ତା' ପରିବାରର ସୁନାମ ଥିଲେ ମଧ୍ୟ ତା' କଥା ଉପସ୍ଥାପିତ ହୋଇପାରେ ନାହିଁ ।

(ମୁସ୍ଲିମ୍, କିତାବୁଜ ଜିକତ)

٥٦- عَنْ اَبِيْ هُرَيْرَةَ رَضِيَ اللهُ عَنْهُ قَالَ : قَالَ رَسُوْلُ اللهِ
صَلَّى اللهُ عَلَيْهِ وَسَلَّمَ : اِنَّ اللهَ عَزَّ وَجَلَّ يَقُوْلُ يَوْمَ الْقِيَامَةِ
: يَاابْنَ آدَمَ! مَرِضْتُ فَلَمْ تَعُدْنِيْ ، قَالَ : يَا رَبِّ !
كَيْفَ اَعُوْدُكَ وَاَنْتَ رَبُّ الْعَالَمِيْنَ ، قَالَ : أَمَا عَلِمْتَ أَنَّ
عَبْدِيْ فُلَانًا مَرِضَ فَلَمْ تَعُدْهُ ، أَمَا عَلِمْتَ أَنَّكَ لَوْ عُدْتَّهُ
لَوَجَدْتَنِيْ عِنْدَهُ ـ يَاابْنَ اٰدَمَ ! اِسْتَطْعَمْتُكَ فَلَمْ تُطْعِمْنِيْ ،
قَالَ : يَارَبِّ ! وَ كَيْفَ أُطْعِمُكَ وَأَنْتَ رَبُّ الْعَالَمِيْنَ ، قَالَ :
أَمَا عَلِمْتَ أَنَّهُ اسْتَطْعَمَكَ عَبْدِيْ فُلَانٌ فَلَمْ تُطْعِمْهُ ، أَمَا
عَلِمْتَ أَنَّكَ لَوْ اَطْعَمْتَهُ لَوَجَدْتَّ ذٰلِكَ عِنْدِيْ ـ يَا ابْنَ اٰدَمَ !

اِسۡتَسۡقَيۡتُكَ فَلَمۡ تَسۡقِنِيۡ ، قَالَ : يَا رَبِّ! كَيۡفَ اَسۡقِيۡكَ
وَأَنۡتَ رَبُّ الۡعَالَمِيۡنَ ، قَالَ : اِسۡتَسۡقَاكَ عَبۡدِيۡ فُلَانٌ فَلَمۡ
تَسۡقِهٖ أَمَا اِنَّكَ لَوۡ سَقَيۡتَهٗ وَجَدۡتَّ ذٰلِكَ عِنۡدِيۡ ـ

(مسلم كتاب البر والصلة باب فضل عيادة المريض)

56. ଅବୁ ହୁରେରାଃ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ସର୍ବଶକ୍ତିମାନ ଅଲ୍ଲାଃ ବିଚାର ଦିବସରେ କହିବେ, 'ହେ ଆଦମଙ୍କ ସନ୍ତାନ ! ମୁଁ ଅସୁସ୍ଥ ଥିଲି ଅଥଚ ମୁଁ ଅସୁସ୍ଥ ଥିବାବେଳେ ତୁମେ ମୋ କଥା ବୁଝିଲ ନାହିଁ ?' ସେ ଉତ୍ତର ଦେବେ, 'ଆପଣ ତ ବିଶ୍ୱ ବ୍ରହ୍ମାଣ୍ଡର ପ୍ରଭୁ, ମୁଁ ଆପଣଙ୍କ ସ୍ୱାସ୍ଥ୍ୟ ବିଷୟରେ କିପରି ବୁଝିଥାନ୍ତି ?' ଅଲ୍ଲାଃ ଉତ୍ତର ଦେବେ, 'କ'ଣ ତୁମେ ଜାଣି ନଥିଲ ଯେ ମୋର ଜଣେ ଭକ୍ତ ରୋଗରେ ପଡ଼ିଥିଲା ଓ ତୁମେ ତା'କଥା ବୁଝିବାରେ ଅବହେଳା କଲ ? ଯଦି ତୁମେ ତାହା କରିଥା'ନ୍ତ, ତେବେ ମୋତେ ତା'ପାର୍ଶ୍ୱରେ ପାଇଥା'ନ୍ତ । ହେ ଆଦମଙ୍କ ସନ୍ତାନ ! ମୁଁ ତୁମକୁ ଖାଦ୍ୟ ମାଗିଥିଲି ଏବଂ ତୁମେ ମୋତେ ଖୁଆଇଲ ନାହିଁ ।' ସେ ଉତ୍ତର ଦେବ 'ହେ ପ୍ରଭୁ ! ଅପଣ ତ ବିଶ୍ୱ ବ୍ରହ୍ମାଣ୍ଡର ପ୍ରଭୁ ! ମୁଁ ଆପଣଙ୍କୁ କିପରି ଖୁଆଇ ପାରିଥା'ନ୍ତି ?' ଅଲ୍ଲାଃ କହିବେ, 'ତୁମେ କ'ଣ ବୁଝିପାରି ନଥିଲ ଯେ ମୋର ଜଣେ ଭକ୍ତ ତୁମକୁ ଖାଦ୍ୟ ମାଗିଥିଲା ଓ ତୁମେ ତାକୁ ତାହା ଦେବାଲାଗି ମନା କରିଦେଲ । ଯଦି ତୁମେ ତାହାକୁ ଖୁଆଇଥା'ନ୍ତ, ତେବେ ମୁଁ ତାହା ପସନ୍ଦ କରିଥାନ୍ତି, ସତେ ଯେପରିକି ତୁମେ ମୋ ପ୍ରତି ତାହା କରିଛ । ହେ ଆଦମଙ୍କ ସନ୍ତାନ ! ମୁଁ ତୁମକୁ ମୋର ତୃଷା ନିବାରଣ ପାଇଁ କହିଥିଲି ଏବଂ ତୁମେ ତାହା କରିବାକୁ ମନା କରିଦେଲ ।' ସେ କହିବ, 'ଆପଣ ତ ବିଶ୍ୱ ବ୍ରହ୍ମାଣ୍ଡର ପ୍ରଭୁ, ମୁଁ କିପରି ଆପଣଙ୍କ ତୃଷା ନିବାରଣ କରିଥା'ନ୍ତି ?' ଅଲ୍ଲା କହିବେ, 'ମୋର ଜଣେ ଭକ୍ତ ତା'ର ତୃଷା ନିବାରଣ ପାଇଁ ତୁମକୁ କହିଥିଲା ଏବଂ ତୁମେ ତା'କଥା ଶୁଣିଲ ନାହିଁ; ଯଦି ତୁମେ ତାହା କରିଥା'ନ୍ତ । ତେବେ ମୁଁ ତାହା ପସନ୍ଦ କରିଥା'ନ୍ତି ସତେ ଯେପରିକି ତୁମେ ତାହା ମୋ ପାଇଁ କରିଛ ।" (ମୁସଲିମ୍, କିତାବୁଲ ବିରରେ ଓସ୍ ସଲାତ୍)

٥٧- قَالَ النَّبِيُّ صَلَّى اللّٰهُ عَلَيۡهِ وَسَلَّمَ اِنَّكُمۡ لَنۡ تَسَعُوۡا النَّاسَ
بِاَمۡوَالِكُمۡ فَسَعُوۡهُمۡ بِبَسۡطِ الۡوَجۡهِ وَحُسۡنِ الۡخُلُقِ ـ

(رسالہ قشیریہ، باب الخلق ص ۱۲۱)

**57.** ପବିତ୍ର ଅବତାର[ସଅ] କହିଛନ୍ତି :

"କେବଳ ତୁମ ପଇସା ବଳରେ ତୁମେ କେବେହେଲେ ଲୋକଙ୍କୁ ସାହାଯ୍ୟ ଦେଇ ଧନୀ କରିପାରିବ ନାହିଁ; ସୁତରାଂ ସହାସ୍ୟ ବଦନରେ ଏବଂ ପ୍ରଫୁଲ୍ଲ ଚିତ୍ତରେ ସାହାଯ୍ୟ କର ।"

(ରିସାଲା କୁଶରିୟା, ପୃ ୧୨୧)

# ଇସଲାମ ସମାଜ

۵۸- عَنْ اَنَسٍ رَضِیَ اللّٰہُ عَنْہُ عَنِ النَّبِیِّ صَلَّی اللّٰہُ عَلَیْہِ وَسَلَّمَ قَالَ : لَا یُؤْمِنُ اَحَدُکُمْ حَتّٰی یُحِبَّ لِاَخِیْہِ مَا یُحِبُّ لِنَفْسِہٖ۔

(بخاری کتاب الایمان باب من الایمان ان یحب لاخیہ ما یحب لنفسہ)

**58.** ଅନସ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ତୁମମାନଙ୍କ ଭିତରୁ କେହି ପ୍ରକୃତ ବିଶ୍ୱାସକାରୀ ନୁହେଁ, ଯେପର୍ଯ୍ୟନ୍ତ ତୁମେ ନିଜ ପାଇଁ ପସନ୍ଦ କରୁଥିବା ଜିନିଷ ଅନ୍ୟ ପାଇଁ ମଧ୍ୟ ପସନ୍ଦ ନ କରିଛ ।"

(ବୁଖାରି, କିତାବୁଲ ଇମାନ)

۵۹- عَنْ اَبِیْ هُرَیْرَةَ رَضِیَ اللّٰہُ عَنْہُ قَالَ قَالَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ یَا اَبَا هُرَیْرَةَ کُنْ وَرِعًا تَکُنْ اَعْبَدَ النَّاسِ وَ کُنْ قَنِعًا تَکُنْ اَشْکَرَ النَّاسِ وَاَحِبَّ لِلنَّاسِ مَا تُحِبُّ لِنَفْسِكَ تَکُنْ مُؤْمِنًا وَاَحْسِنْ جِوَارَ مَنْ جَاوَرَكَ تَکُنْ مُسْلِمًا وَاَقِلَّ الضَّحِكَ فَاِنَّ کَثْرَةَ الضَّحِكِ تُمِیْتُ الْقَلْبَ۔

(ابن ماجہ کتاب الزھد باب الورع والتقوٰی)

**59.** **ଅବୁ ହୁରେରାଃ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିରୂପେ କହିଛନ୍ତି :**

"ହେ ଅବୁ ହୁରେରାଃ ! ଧର୍ମନିଷ୍ଠ ହୁଅ ଓ ତୁମେ ଉପାସକମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ହୋଇପାରିବ । ସନ୍ତୁଷ୍ଟ ହୁଅ, ଯାହା ଫଳରେ ତୁମେ କୃତଜ୍ଞମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ହୋଇପାରିବ । ତୁମେ ନିଜପାଇଁ ଯାହା ପସନ୍ଦ କର, ତାହା ଅନ୍ୟ ପାଇଁ ମଧ୍ୟ ବାଛିନିଅ, ତା'ହେଲେ ତୁମେ (ପ୍ରକୃତ) ବିଶ୍ୱାସକାରୀ ହୋଇପାରିବ । ସର୍ବୋତ୍ତମ ଶିଷ୍ଟାଚାର ସହିତ ତୁମର ପ୍ରତିବେଶୀମାନଙ୍କ ସହିତ ବ୍ୟବହାର କର, ତାହାହେଲେ ତୁମେ ଜଣେ ମୁସଲମାନ ହେବାକୁ ଯୋଗ୍ୟ ବିବେଚିତ ହେବ । ଅତ୍ୟଧିକ ହସ ନାହିଁ, କାରଣ ଅତ୍ୟଧିକ ହସ ହୃଦୟକୁ ମୃତ୍ୟୁ ମୁଖରେ ପକାଇଥାଏ ।"

(ଇବ୍ନେ ମାଜା, କିତାବୁଜ ଜହଦ)

٦٠- عَنْ اَبِیْ یُوْسُفَ عَبْدِ اللهِ بْنِ سَلَامٍ رَضِیَ اللهُ عَنْهُ قَالَ : سَمِعْتُ رَسُوْلَ اللهِ صَلَّی اللهُ عَلَیْهِ وَسَلَّمَ یَقُوْلُ : یَا اَیُّهَا النَّاسُ ! اَفْشُوا السَّلَامَ ، وَاَطْعِمُوا الطَّعَامَ ، وَصِلُوا الْاَرْحَامَ ، وَصَلُّوْا وَالنَّاسُ نِیَامٌ ، تَدْخُلُوا الْجَنَّةَ بِسَلَامٍ -

(ترمذی ابواب صفة القیٰمة)

**60.** **ଅବୁ ୟୁସୁଫ ଅବଦୁଲ୍ଲା ବିନ୍ ସଲାମ୍[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିବାର ମୁଁ ଶୁଣିଛି :**

"ହେ ଲୋକମାନେ ! **ଅସ୍‌ସଲାମୋ ଆଲୈକୁମ୍** କହି ଅନ୍ୟକୁ ଅଭିବାଦନ କର । ଅନ୍ୟକୁ ଖୁଆଅ, ବନ୍ଧୁବାନ୍ଧବମାନଙ୍କ ପ୍ରତି ତୁମର ଯେଉଁସବୁ କର୍ତ୍ତବ୍ୟ ରହିଛି ସେଥିପ୍ରତି ଧ୍ୟାନ ଦିଅ । ଅନ୍ୟମାନେ ନିଦ୍ରିତ ଥିବାବେଳେ (ଅଲ୍ଲାଃଙ୍କ) ଉପାସନା କର । ଏହା କର ଓ ତୁମେମାନେ ଶାନ୍ତିରେ ବୈକୁଣ୍ଠରେ ପ୍ରବେଶ କରିପାରିବ ।"

(ତିରମିଜି ଅବଓ୍ୱାବ ସିଫତୁଲ କୟାମା)

٦١- عَنِ ابْنِ مَسْعُوْدٍ رَضِيَ اللهُ عَنْهُ اَنَّ رَسُوْلَ اللهِ صَلَّى اللهُ عَلَيْهِ
وَسَلَّمَ قَالَ: اِذَا كُنْتُمْ ثَلَاثَةً فَلَا يَتَنَاجٰى اثْنَانِ دُوْنَ الْاٰخَرِ
حَتّٰى تَخْتَلِطُوْا بِالنَّاسِ مِنْ اَجْلِ اَنَّ ذٰلِكَ يُحْزِنُهٗ۔

(مسلم كتاب السلام باب تحريم مناجاة الاثنين دون الثالث بغير رضاه)

**61.** ଇବ୍ନ ମାସୁଦ[ରଅ] କହୁଛନ୍ତି ଯେ, ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ତୁମମାନଙ୍କ ଭିତରୁ ତିନିଜଣ ଯେବେ ଏକତ୍ର ଥାଅ, ତେବେ ତୁମମାନଙ୍କ ସହିତ ଅନ୍ୟମାନେ ଯୋଗ ନଦେବା ପର୍ଯ୍ୟନ୍ତ ଜଣକୁ ଛାଡ଼ି ଦେଇ ତୁମମାନଙ୍କ ଭିତରୁ ଦୁଇଜଣ ପରସ୍ପର ସହିତ ଆଳାପ କରିବ ନାହିଁ । କାରଣ ଏହା ସେହି ତୃତୀୟ ଲୋକର ମନରେ ଆଘାତ ଦେବ ।"

(ମୁସଲିମ୍, କିତାବୁଲ ସଲାମ)

٦٢- عَنْ اَبِيْ هُرَيْرَةَ رَضِيَ اللهُ عَنْهُ قَالَ: كَانَ رَسُوْلُ اللهِ صَلَّى
اللهُ عَلَيْهِ وَسَلَّمَ اِذَا عَطَسَ وَضَعَ يَدَهٗ اَوْ ثَوْبَهٗ عَلٰى فِيْهِ
وَخَفَضَ اَوْ غَضَّ بِهَا صَوْتَهٗ شَكَّ الرَّاوِيْ۔

(ترمذی کتاب الاستیذان باب فی خفض الصوت و تخمیر الوجه)

**62.** ଅବୁହୁରେରାଃ[ରଅ] କହୁଛନ୍ତି :

"ପବିତ୍ର ଅବତାର[ସଅ]ଙ୍କର ଏହା ଅଭ୍ୟାସ ଥିଲା ଯେ ସେ ଛିଙ୍କିବା ବେଳେ ତାଙ୍କ ମୁଖକୁ ନିଜ ହାତରେ କିମ୍ବା ଖଣ୍ଡେ କନାରେ ଘୋଡ଼େଇ ଦିଅନ୍ତି । ଏହିପରି ଭାବେ ସେ ସେହି ଶବ୍ଦକୁ ନିଜ ଆୟତ୍ତକୁ ଆଣିଥାଆନ୍ତି ।"

(ତିରମିଜି, କିତାବୁଲ ଅସତସ୍ୱେଜାନ)

# ଲୋକମାନଙ୍କ ପ୍ରତି କୃତଜ୍ଞ ହେବା

٦٣-عَنْ اَبِيْ هُرَيْرَةَ رَضِيَ اللّٰهُ عَنْهُ قَالَ قَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ مَنْ لَا يَشْكُرِ النَّاسَ لَا يَشْكُرِ اللّٰهَ۔

(ترمذی باب مَا جاء فِی الشکر لمن احسن الیكَ)

**63.** ଅବୁ ହୁରେରାଃ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ଯିଏ ଲୋକମାନଙ୍କ ପ୍ରତି କୃତଜ୍ଞ ନୁହେଁ ସେ ଅଲ୍ଲାଃଙ୍କ ପ୍ରତି ମଧ୍ୟ କୃତଜ୍ଞ ନୁହେଁ ।"

(ତିରମିଜି, ଭାଗ ମାଜା ଫିଲ ଶୁକର)

# ପିତାମାତାଙ୍କ ପ୍ରତି ସଦ୍‌ବ୍ୟବହାର

٦٤- عَنْ اَبِيْ هُرَيْرَةَ رَضِيَ اللّٰهُ عَنْهُ قَالَ : جَآءَ رَجُلٌ اِلٰى رَسُوْلِ اللّٰهِ صَلَّى اللّٰهُ عَلَيْهِ وَسَلَّمَ فَقَالَ يَا رَسُوْلَ اللّٰهِ ! مَنْ اَحَقُّ النَّاسِ بِحُسْنِ صَحَابَتِيْ ؟ قَالَ : اُمُّكَ ۔ قَالَ ثُمَّ مَنْ ؟ قَالَ : اُمُّكَ ۔ قَالَ ثُمَّ مَنْ ؟ قَالَ: اُمُّكَ ۔ قَالَ ثُمَّ مَنْ ؟ قَالَ : اَبُوْكَ ۔ وَفِيْ رِوَايَةٍ، يَا رَسُوْلَ اللّٰهِ ! مَنْ اَحَقُّ بِحُسْنِ الصُّحْبَةِ ؟ قَالَ اُمُّكَ ثُمَّ اُمُّكَ ثُمَّ اُمُّكَ ثُمَّ اَبُوْكَ ثُمَّ اَدْنَاكَ اَدْنَاكَ ۔

(بخاری کتاب الادب باب من احق الناس بحسن الصحبة)

**64.** ଅବୁ ହୁରେରାଃ[ରଅ] କହୁଛନ୍ତି :

"ଜଣେ ଲୋକ ପବିତ୍ର ଅବତାର[ସଅ]ଙ୍କ ନିକଟକୁ ଯାଇ ପଚାରିଲା, 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସବୁଲୋକଙ୍କ ଭିତରୁ କାହା ସହିତ ମୁଁ ସବୁଠାରୁ ଭଲ ସମ୍ପର୍କ ରଖିବି ?"

ସେ ଉତ୍ତର ଦେଲେ 'ତୁମର ମା' ।' ଦ୍ୱିତୀୟ ଥର ଲୋକଟି ପଚାରିଲା, 'ଏବଂ

ତା'ପରେ କିଏ ?' ପବିତ୍ର ଅବତାର[ସଅ] ଉତ୍ତର ଦେଲେ 'ତୁମର ମା' ।' ତୃତୀୟ ଥର ଲୋକଟି ପଚାରିଲା, 'ତା'ପରେ କିଏ ?' ଉତ୍ତର ହେଲା, 'ତା' ପରେ ତୁମର ମା' । ଲୋକଟି ଆଉ ଥରେ ପଚାରିଲା 'ତା'ପରେ କିଏ ? ମହାଭାଗ ଉତ୍ତର ଦେଲେ 'ତୁମର ବାପା' ।' ଅନ୍ୟ ଏକ ବିବରଣୀ ଅନୁସାରେ ପ୍ରଶ୍ନକର୍ତ୍ତା ପଚାରିଲା, 'ହେ ଅଲ୍ଲାଃଙ୍କ ଅବତାର ! କିଏ ସବୁଠାରୁ ଭଲ ବ୍ୟବହାର ପାଇବା ପାଇଁ ଉପଯୁକ୍ତ ?" ପବିତ୍ର ଅବତାର[ସଅ] କହିଲେ, 'ତୁମର ମା', ତା'ପରେ ତୁମର ମା' ତା'ପରେ ତୁମର ମା', ତା'ପରେ ତୁମର ବାପା ଏବଂ ତା'ପରେ ନିକଟ ସମ୍ପର୍କୀୟମାନେ ।"

(ବୁଖାରି, କିତାବୁଲ ଅଦବ)

٢٥- عَنْ اَبِيْ هُرَيْرَةَ رَضِيَ اللّٰهُ عَنْهُ عَنِ النَّبِيِّ صَلَّى اللّٰهُ عَلَيْهِ وَسَلَّمَ قَالَ: رَغِمَ اَنْفُ ثُمَّ رَغِمَ اَنْفُ ثُمَّ رَغِمَ اَنْفُ، قِيْلَ مَنْ يَا رَسُوْلَ اللّٰهِ! قَالَ: مَنْ اَدْرَكَ اَبَوَيْهِ عِنْدَ الْكِبَرِ اَحَدَهُمَا اَوْ كِلَيْهِمَا فَلَمْ يَدْخُلِ الْجَنَّةَ۔

(مسلم كتاب البرّ والصلة باب رغم انف مَن ادرك ابويه)

65. ଅବୁ ହୁରେରାଃ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିରୂପେ କହିଛନ୍ତି :

"ସେହି ବ୍ୟକ୍ତି ଦରିଦ୍ର, ସେହି ବ୍ୟକ୍ତି ଦରିଦ୍ର, ପୁନଶ୍ଚ ସେହି ବ୍ୟକ୍ତି ଦରିଦ୍ର, ଯିଏ ତା'ର ପିତାମାତାଙ୍କର ବୃଦ୍ଧାବସ୍ଥା ଦେଖିବା ଲାଗି ଦୀର୍ଘଦିନ ବଞ୍ଚିରହେ, ଅଥଚ (ସେମାନଙ୍କର ସେବା କରି) ବୈକୁଣ୍ଠ ଲାଭ କରିପାରେ ନାହିଁ ।"

(ମୁସଲିମ୍, କିତାବୁଲ ବିରରେ ଓସ୍ ସଲାତ)

# ପ୍ରତିବେଶୀଙ୍କ ପ୍ରତି ଉଦାର ମନୋଭାବ

٢٦- عَنِ ابْنِ عُمَرَ وَعَائِشَةَ رَضِيَ اللّٰهُ عنهما قَالَا: قَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ: مَا زَالَ جِبْرِيْلُ يُوْصِيْنِيْ بِالْجَارِ حَتّٰى ظَنَنْتُ اَنَّهُ سَيُوَرِّثُهُ۔ (بخارى كتاب الادب باب الوصايا بالجار)

66. ପବିତ୍ର ଅବତାର[ସଅ] ନିମ୍ନୋକ୍ତ ବିଷୟ କହିଥିବାର ଇବ୍ନ ଉମର ଓ ଆଏଶା[ରଅ] ବର୍ଣ୍ଣନା କରୁଛନ୍ତି :

"ଜିବ୍ରାଇଲ ପ୍ରତିବେଶୀମାନଙ୍କର ଅଧିକାର ସମ୍ବନ୍ଧରେ ମୋତେ ସେ ପର୍ଯ୍ୟନ୍ତ ଉପଦେଶ ଦେବାର ଲାଗିଥିଲେ ଯେ ପର୍ଯ୍ୟନ୍ତ ମୋର ବିଶ୍ୱାସ ହୋଇ ନଥିଲା ଯେ ସେ ସେମାନଙ୍କୁ ଦାୟାଦର ଅଧିକାର ଦେଇଦେବେ ।"

(ବୁଖାରି, କିତାବୁଲ ଅଦବ)

٢٧- عَنْ اَبِيْ هُرَيْرَةَ رَضِيَ اللهُ عَنْهُ اَنَّ رَسُوْلَ اللهِ صَلَّى اللهُ عَلَيْهِ وَسَلَّمَ قَالَ : مَنْ كَانَ يُؤْمِنُ بِاللهِ وَالْيَوْمِ الْاٰخِرِ فَلَا يُؤْذِ جَارَهٗ ، وَمَنْ كَانَ يُؤْمِنُ بِاللهِ وَالْيَوْمِ الْاٰخِرِ فَلْيُكْرِمْ ضَيْفَهٗ ، وَمَنْ كَانَ يُؤْمِنُ بِاللهِ وَالْيَوْمِ الْاٰخِرِ فَلْيَقُلْ خَيْرًا اَوْلِيَسْكُتْ۔

(بخاری کتاب الادب باب من کان یؤمن باللہ والیوم الآخر)

67. ପବିତ୍ର ଅବତାର[ସଅ] ନିମ୍ନୋକ୍ତ ବିଷୟ କହିଥିବାର ଅବୁ ହୁରେରାଃ[ରଅ] ବର୍ଣ୍ଣନା କରୁଛନ୍ତି :

"ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ଉପରେ ଓ ବିଚାର ଦିବସ ଉପରେ ବିଶ୍ୱାସ ରଖେ, ସେ ତା'ର ପ୍ରତିବେଶୀମାନଙ୍କୁ ଅସୁବିଧାରେ ପକାଇବା ଉଚିତ ନୁହେଁ । ଯିଏ ଅଲ୍ଲାଃଙ୍କ ଉପରେ ଓ ବିଚାର ଦିବସ ଉପରେ ବିଶ୍ୱାସ ରଖେ, ସେ ତାହାର ଅତିଥିମାନଙ୍କୁ ସମ୍ମାନର ସହିତ ଚର୍ଚ୍ଚା କରିବା ଉଚିତ । ଯିଏ ଅଲ୍ଲାଃଙ୍କ ଉପରେ ଓ ବିଚାର ଦିବସ ଉପରେ ବିଶ୍ୱାସ ରଖେ, ସେ କେବଳ ଉତ୍ତମ କଥା ହିଁ କହିବା ଉଚିତ, ନତୁବା ନୀରବ ରହିବା ଉଚିତ ।" (ବୁଖାରି କିତାବୁଲ ଅଦବ)

٢٨- عَنْ اَبِيْ هُرَيْرَةَ رَضِيَ اللهُ عَنْهُ اَنَّ النَّبِيَّ صَلَّى اللهُ عَلَيْهِ وَسَلَّمَ قَالَ : وَاللهِ لَا يُؤْمِنُ ! وَاللهِ لَا يُؤْمِنُ ! وَاللهِ لَا يُؤْمِنُ ! قِيْلَ مَنْ يَارَسُوْلَ اللهِ ؟ قَالَ : اَلَّذِيْ لَا يَأْمَنُ جَارُهٗ بَوَائِقَهٗ۔

(بخاری کتاب الادب باب اثم من لا یأمن جارہ بوائقه)

**68.** ଅବୁ ହୁରେରାଃ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ମୁଁ ଅଲ୍ଲାଃଙ୍କ ନାମରେ ଶପଥ କରି କହୁଛି : ସେ ବିଶ୍ୱାସ କରେ ନାହିଁ । ମୁଁ ଅଲ୍ଲାଃଙ୍କ ନାମରେ ଶପଥ କରି କହୁଛି : ସେ ବିଶ୍ୱାସ କରେ ନାହିଁ । ମୁଁ ଅଲ୍ଲାଃଙ୍କ ନାମରେ ଶପଥ କରି କହୁଛି : ସେ ବିଶ୍ୱାସ କରେ ନାହିଁ ।" ପବିତ୍ର ଅବତାର[ସଅ]ଙ୍କୁ ପଚରାଗଲା, 'କିଏ ବିଶ୍ୱାସ କରେ ନାହିଁ ?' ସେ ଉତ୍ତର ଦେଲେ, 'ସେହି ବ୍ୟକ୍ତି ଯାହାର ଦୌରାତ୍ମ୍ୟରୁ ତା'ର ପ୍ରତିବେଶୀ ନିରାପଦ ନୁହେଁ ।"

(ବୁଖାରି)

# ଦୁର୍ବଳ ପ୍ରତି ଦୟା

٦٩- عَنْ اَبِىْ هُرَيْرَةَ رَضِىَ اللهُ عَنْهُ قَالَ : قَالَ رَسُوْلُ اللهِ
صَلَّى اللهُ عَلَيْهِ وَسَلَّمَ : رُبَّ اَشْعَثَ اَغْبَرَ مَدْفُوْعٍ بِالْاَبْوَابِ
لَوْ اَقْسَمَ عَلَى اللهِ لَاَبَرَّهٗ۔

(مسلم كتاب الجنّة باب النّار يدخلها الجبارون)

**69.** ଅବୁ ହୁରେରାଃ[ରଅ] କହୁଛନ୍ତି ଯେ ନିମ୍ନୋକ୍ତ ଭାବେ ପବିତ୍ର ଅବତାର[ସଅ] କହିଛନ୍ତି :

"ଏପରି କେତେକ ଲୋକ ଅଛନ୍ତି ଯେଉଁମାନଙ୍କର କେଶ ଆଲୁରା ଓ ଧୁଳି ଧୁସରିତ ହୋଇଥିବାରୁ ଅପରିଷ୍କାର ଦେଖାଯା'ନ୍ତି । ଘୃଣାରେ ସେମାନଙ୍କ ପାଇଁ ଦରଜା ବନ୍ଦ କରି ଦିଆଯାଏ । ତଥାପି (ସେମାନଙ୍କ ପ୍ରଭୁଙ୍କ ନିକଟରେ ସେମାନଙ୍କର ସ୍ଥାନ ଅଛି, ଯାହା ଫଳରେ କି) ସେମାନେ ପ୍ରଭୁଙ୍କର ଯେତେବେଳେ ଶପଥ ନିଅନ୍ତି, ସେ ସେମାନଙ୍କ କଥାକୁ ସତ୍ୟ ସାବ୍ୟସ୍ତ କରିଥା'ନ୍ତି । (ମୁସଲିମ୍, କିତାବୁଲ ଜନ୍ନତା)

٧٠- عَنْ اَبِى الدَّرْدَآءِ رَضِىَ اللهُ عَنْهُ قَالَ : سَمِعْتُ رَسُوْلَ اللهِ
صَلَّى اللهُ عَلَيْهِ وَسَلَّمَ يَقُوْلُ : اِبْغُوْنِىْ فِىْ ضُعَفَائِكُمْ فَاِنَّمَا
تُرْزَقُوْنَ وَتُنْصَرُوْنَ بِضُعَفَائِكُمْ۔

(ترمذى كتاب الجهاد باب ماجاء فِى الاستفتاح بصعاليك المسلمين)

70. ଅବୁ ଦରଦା[ରଅ] କହୁଛନ୍ତି ଯେ ସେ ପବିତ୍ର ଅବତାର[ସଅ] ଏହିପରି କହିଥିବାର ଶୁଣିଛନ୍ତି :

"ଦୁର୍ବଳ ଓ ଦରିଦ୍ରମାନଙ୍କ ମଧ୍ୟରେ ମୋତେ ଅନ୍ୱେଷଣ କର; ନିଶ୍ଚିତ ଭାବରେ ସେମାନଙ୍କ ପରିଶ୍ରମରେ ତୁମର ପ୍ରତିପାଳନ ଓ ଭରଣ ପୋଷଣ ହେଉଛି ।"

(ତିରମିଜି, କିତାବୁଲ ଜିହାଦ)

# କ୍ଷମାଶୀଳତା

٧١- عَنْ مُعَاذِبْنِ اَنَسٍ رَضِیَ اللّٰهُ عَنْهُ عَنْ رَسُوْلِ اللّٰهِ صَلَّی اللّٰهُ عَلَيْهِ وَسَلَّمَ اَنَّهٗ قَالَ : اَفْضَلُ الْفَضَائِلِ اَنْ تَصِلَ مَنْ قَطَعَكَ وَتُعْطِیَ مَنْ مَنَعَكَ وَتَصْفَحَ عَمَّنْ شَتَمَكَ ۔

(مسند احمد جلد ٣ صفحہ ٤٣٨)

71. ମୁଆଜ ବିନ୍ ଅନସ୍[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ଉତ୍କର୍ଷତାର ଚରମସୀମା ହେଉଛି, ଯେଉଁଲୋକ ସମ୍ପର୍କର ବନ୍ଧନକୁ ଛିନ୍ନ କରେ ତୁମେ ତା' ସହିତ ସମ୍ପର୍କର ବନ୍ଧନକୁ ଦୃଢ଼କର; ଯିଏ ତୁମ ପ୍ରତି କୃପଣ ତା'ପ୍ରତି ଉଦାର ହୁଅ; ଏବଂ ଯିଏ ତୁମ ପ୍ରତି କୁଭାଷା ପ୍ରୟୋଗ କରେ ତା'ପ୍ରତି କ୍ଷମାଶୀଳ ହୁଅ ।"

(ମସନଦ ଅହମଦ, ଖଣ୍ଡ ୩ ପୃ ୪୩୮)

٧٢- عَنْ اَبِیْ هُرَيْرَةَ رَضِیَ اللّٰهُ عَنْهُ عَنِ النَّبِيِّ صَلَّی اللّٰهُ عَلَيْهِ وَسَلَّمَ قَالَ : مَا نَقَصَتْ صَدَقَةٌ مِنْ مَّالٍ وَلَا عَفَا رَجُلٌ عَنْ مَظْلِمَةٍ اِلَّا زَادَهُ اللّٰهُ عِزًّا وَلَا تَوَاضَعَ ۔

(مسند احمد جلد ٢ صفحہ ٢٣٥، جلد ٢ صفحہ ٤٣٨)

72. ଅବୁ ହୁରେରାଃ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ଭିକ୍ଷା ଦେଲେ କାହାରି ସମ୍ପତ୍ତି କମିଯାଏ ନାହିଁ । ଯେଉଁ ବ୍ୟକ୍ତି ତା'ପ୍ରତି କରାଯାଇଥିବା ଅତ୍ୟାଚାରକୁ କ୍ଷମା ଦିଏ ଓ ସେ ସୀମା ଲଂଘନକାରୀ ପ୍ରତି ଉଦ୍ଧତ ବ୍ୟବହାର କରେ ନାହିଁ, ଅଲ୍ଲାଃ ତାକୁ ସମ୍ମାନ ପ୍ରଦାନ କରନ୍ତି ଓ ତା'ର ମର୍ଯ୍ୟାଦା ବୃଦ୍ଧି କରନ୍ତି ।" (ମସନଦ ଅହମଦ, ଖଣ୍ଡ ୨, ପୃ ୨୩୫)

# ଭୋଜନର ରୀତିନୀତି

٧٣- عَنْ عَائِشَةَ رَضِيَ اللهُ عَنْهَا قَالَتْ : قَالَ رَسُوْلُ اللهِ صَلَّى اللهُ عَلَيْهِ وَسَلَّمَ : اِذَا اَكَلَ اَحَدُكُمْ فَلْيَذْكُرِ اسْمَ اللهِ تَعَالٰى ، فَاِنْ نَسِيَ اَنْ يَّذْكُرَ اِسْمَ اللهِ تَعَالٰى فِيْ اَوَّلِهٖ فَلْيَقُلْ : بِسْمِ اللهِ اَوَّلَهٗ وَاٰخِرَهٗ۔

(ترمذی کتاب الاطعمة باب ما جاء فی التسمیة علی الطعام)

73. ଆଏଶା[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ତୁମମାନଙ୍କ ଭିତରୁ କେହି ଖାଇବାକୁ ଆରମ୍ଭ କଲେ ପ୍ରଥମେ କହିବା ଉଚିତ, "ଉଚ୍ଚ ମର୍ଯ୍ୟାଦାବାନ ଅଲ୍ଲାଃଙ୍କ ନାମ ନେଇ ଆରମ୍ଭ କରୁଛି ।" ଆରମ୍ଭରେ ସେ ଏହା କହିବାକୁ ଭୁଲିଗଲେ, ଖାଇସାରିବା ପରେ ସେ କହିବା ଉଚିତ, 'ବିସମିଲ୍ଲାଃହେ ଅୱୱଲହୁ ୱ ଆଖିରହୁ' (ଅଲ୍ଲାଃଙ୍କ ନାମ ନେଇ ମୁଁ ଆରମ୍ଭ କରୁଛି ଓ ଶେଷ କରୁଛି) । (ତିରମିଜ, କିତାବୁଲ ଅତ୍ଅମା)

٧٤- عَنْ اَبِیْ سَعِيْدٍ قَالَ كَانَ النَّبِيُّ صَلَّى اللهُ عَلَيْهِ وَسَلَّمَ اِذَا اَكَلَ اَوْ شَرِبَ قَالَ : اَلْحَمْدُ لِلّٰهِ الَّذِیْ اَطْعَمَنَا وَسَقَانَا وَجَعَلَنَا مُسْلِمِيْنَ۔

(ترمذی کتاب الدعوات باب ما يقول اذا فرغ من الطعام)

**74.** ଅବୁ ସଇଦ[ରଅ] କହୁଛନ୍ତି ଯେ ଯେବେ ବି ପବିତ୍ର ଅବତାର[ସଅ] ଭୋଜନ କରନ୍ତି ବା ପାନ କରନ୍ତି, ସେ ଏହିପରି କହନ୍ତି :

"ସମସ୍ତ ପ୍ରଶଂସା ଅଲ୍ଲାଃଙ୍କ ପାଇଁ, ଯିଏ ଆମମାନଙ୍କ ପାଇଁ ଖାଦ୍ୟ ଓ ପେୟର ବ୍ୟବସ୍ଥା କରିଛନ୍ତି ଓ ଆମମାନଙ୍କୁ ମୁସଲମାନ କରିଛନ୍ତି ।"

(ତିରମିଜି, କିତାବୁତ ଦାୱାତ)

# ବେଶ ପୋଷାକ

٧٥- عَنْ حُذَيْفَةَ رَضِيَ اللهُ عَنْهُ قَالَ : اِنَّ النَّبِيَّ صَلَّى اللهُ عَلَيْهِ وَسَلَّمَ نَهَانَا عَنِ الْحَرِيْرِ وَالدِّيْبَاجِ وَالشُّرْبِ فِيْ اٰنِيَةِ الذَّهَبِ وَالْفِضَّةِ وَقَالَ : هِيَ لَهُمْ فِي الدُّنْيَا، وَهِيَ لَكُمْ فِي الْاٰخِرَةِ ـ

(مسلم كتاب اللباس والزينة باب تحريم استعمال اناء الذهب والفضة)

**75.** ହୁଜେଫା[ରଅ] କହୁଛନ୍ତି :

"ପବିତ୍ର ଅବତାର[ସଅ] ଆମମାନଙ୍କୁ ସିଲ୍କ ଓ ଜରି ଲୁଗା ପରିଧାନ କରିବାକୁ ବାରଣ କରିଛନ୍ତି । ସେ ମଧ୍ୟ ଆମମାନଙ୍କୁ ସୁନା ଓ ରୂପା ପାତ୍ରରେ ଖାଇବା ଓ ପିଇବା ପାଇଁ ବାରଣ କରିଛନ୍ତି ଏବଂ କହିଛନ୍ତି ଯେ ଇହକାଳରେ ସେଗୁଡ଼ିକ ସେହି ଲୋକମାନଙ୍କ ପାଇଁ (ଯେଉଁମାନେ ଅବିଶ୍ୱାସକାରୀ) ଓ ପରକାଳରେ ତୁମମାନଙ୍କ ପାଇଁ ।"

(ମୁସଲିମ୍, କିତାବୁଲ ଲିବାସ ୱ୍‌ଲ ଜିନତ)

٧٦- عَنْ اَبِيْ سَعِيْدِنِ الْخُدْرِيِّ رَضِيَ اللهُ عَنْهُ قَالَ : كَانَ رَسُوْلُ اللهِ صَلَّى اللهُ عَلَيْهِ وَسَلَّمَ اِذَا اسْتَجَدَّ ثَوْبًا سَمَّاهُ بِاسْمِهٖ ـ عِمَامَةً ، اَوْ قَمِيْصًا ، اَوْ رِدَاءً ـ يَقُوْلُ اَللّٰهُمَّ لَكَ الْحَمْدُ اَنْتَ كَسَوْتَنِيْهِ ، اَسْأَلُكَ خَيْرَهٗ وَخَيْرَ مَا صُنِعَ لَهٗ وَاَعُوْذُبِكَ مِنْ شَرِّهٖ وَشَرِّ مَا صُنِعَ لَهٗ ـ

(ترمذى كتاب اللباس باب ما يقول اذا لبس ثوبًا جديدًا)

**76.** **ଅବୁ ସୟିଦ ଅଲ୍ ଖୁଦ୍ରି[ରଅ] ବର୍ଣ୍ଣନା କରୁଛନ୍ତି :**

ପବିତ୍ର ଅବତାର[ସଅ] କୌଣସି ନୂତନ ପୋଷାକ ପରିଧାନ କଲାବେଳେ ତାହା କି ପ୍ରକାରର ପୋଷାକ ଥିଲା ଅର୍ଥାତ୍ ପଗଡ଼ି, କମିଜ, ଢ଼ିଲାଜାମା ବା ଚାଦର ତାର ନାମ ନିଅନ୍ତି ଓ ତା'ପରେ ନିମ୍ନମତେ ବିନୀତ ପ୍ରାର୍ଥନା କରିଥାଆନ୍ତି :

"ହେ ଅଲ୍ଲାଃ ! ପ୍ରଶଂସା ତୁମର । ଏହା ପରିଧାନ କରିବା ପାଇଁ ତୁମେ ହିଁ ମୋତେ ଦେଇଅଛ । ଏଥିରେ ଯେଉଁ ଲାଭ ଅଛି ତାହା ମୁଁ ତୁମଠାରୁ ଭିକ୍ଷା କରୁଛି ଏବଂ ଏହା ଯେଉଁଥି ପାଇଁ ତିଆରି ହୋଇଛି, ତା'ର ସର୍ବୋତ୍କୃଷ୍ଟ ବ୍ୟବହାର ପାଇଁ ମଧ୍ୟ ତୁମର ସାହାଯ୍ୟ ଭିକ୍ଷା କରୁଛି । ଏଥିରେ ଯଦି କିଛି କ୍ଷତି ଥାଏ ଓ ଯେଉଁ କ୍ଷତିକାରକ ଉଦ୍ଦେଶ୍ୟରେ ଏହା ତିଆରି ହୋଇଛି, ସେଥିରୁ ରକ୍ଷା ପାଇବା ପାଇଁ ତୁମର ସାହାଯ୍ୟ ଭିକ୍ଷା କରୁଛି ।"

(ତିରମିଜି, କିତାବୁଲ ଲିବାସ)

# ପରିଷ୍କାର ପରିଚ୍ଛନ୍ନତା

٧٧- عَنْ اَبِىْ مَالِكٍ الْاَشْعَرِيِّ رَضِيَ اللّٰهُ عَنْهُ قَالَ قَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ : اَلطُّهُوْرُ شَطْرُ الْاِيْمَانِ۔

(مسلم كتاب الطهارة باب فضل الوضوء)

**77.** **ଅବୁ ମୁସା ଅଲ୍ ଅଶରି[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହି ପ୍ରକାରେ କହିଛନ୍ତି :**

"ଧର୍ମ ବିଶ୍ୱାସ ପାଇଁ ପରିଚ୍ଛନ୍ନତା ରହିବା ଆବଶ୍ୟକ ।"

(ମୁସଲିମ, କିତାବୁତ ତହାରତ)

٧٨- عَنْ عَائِشَةَ رَضِيَ اللّٰهُ عَنْهَا اَنَّ النَّبِيَّ صَلَّى اللّٰهُ عَلَيْهِ وَسَلَّمَ قَالَ : اَلسِّوَاكُ مُطَهِّرَةٌ لِلْفَمِ مَرْضَاةٌ لِلرَّبِّ۔

(نسائی باب الترغیب فی السواك)

78. ଆଏଶା[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହି ପ୍ରକାରେ କହିଛନ୍ତି :
"ଦନ୍ତ ମଞ୍ଜନ ମୁଖକୁ ପରିଷ୍କାର ରଖେ ଓ ଅଲ୍ଲାଃଙ୍କୁ ପ୍ରସନ୍ନ କରାଏ ।"
(ନିଶାଇ, ଭାଗ ଅଲ ତରଗିବ୍)

# ଈର୍ଷା ପରାୟଣତା

٧٨- عَنْ ابْنِ عُمَرَ رَضِيَ اللهُ عَنْهُ قَالَ : قَالَ رَسُوْلُ اللهِ صَلَّى اللهُ عَلَيْهِ وَسَلَّمَ : لَا تَحَاسَدُوْا وَلَا تَنَاجَشُوْا وَلَا تَبَاغَضُوْا وَلَا تَدَابَرُوْا وَلَا يَبِعْ بَعْضُكُمْ عَلٰى بَيْعِ بَعْضٍ ، وَكُوْنُوْا عِبَادَ اللهِ إِخْوَانًا ـ اَلْمُسْلِمُ اَخُو الْمُسْلِمِ : لَا يَظْلِمُهُ وَلَا يَحْقِرُهُ وَلَا يَخْذُلُهُ ـ اَلتَّقْوٰى هٰهُنَا ـ وَيُشِيْرُ اِلٰى صَدْرِهٖ ثَلَاثَ مَرَّاتٍ بِحَسْبِ امْرِیءٍ مِّنَ الشَّرِّ اَنْ يَحْقِرَ اَخَاهُ الْمُسْلِمَ كُلُّ الْمُسْلِمِ عَلَى الْمُسْلِمِ حَرَامٌ دَمُهٗ وَمَالُهٗ وَعِرْضُهٗ ـ

(مسلم كتاب البر والصلة باب تحريم ظلم المسلم وخذله)

79. ଅବଦୁଲ୍ଲାଃ ବିନ୍ ଉମର[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହି ପ୍ରକାରେ କହିଛନ୍ତି :
"ପରସ୍ପର ପ୍ରତି ଈର୍ଷା ପରାୟଣ ହୁଅ ନାହିଁ । ଦରଦାମ ବଢ଼ାଅ ନାହିଁ । ପରସ୍ପରକୁ ଘୃଣା କର ନାହିଁ । ପରସ୍ପର ପ୍ରତି ବିମୁଖ ହୁଅ ନାହିଁ । ଦୁଇ ପକ୍ଷ ଦରଦାମ କରୁଥିବାବେଳେ (ଦାମ୍ ସଂକ୍ରାନ୍ତରେ କୌଣସି ନୂତନ) ପ୍ରସ୍ତାବ ଦିଅ ନାହିଁ । ପରସ୍ପରର ଭାଇ ଭଳି ଚଳି ଅଲ୍ଲାଃଙ୍କର ପ୍ରକୃତ ଭକ୍ତ ହୁଅ ।"
"ମୁସଲମାନମାନେ (ଅନ୍ୟ) ମୁସଲମାନମାନଙ୍କ ଭାଇ । ଜଣେ ଅନ୍ୟ ଜଣକ ବିରୁଦ୍ଧରେ ସୀମା ଲଂଘନ କରିବା ଉଚିତ ନୁହେଁ, ସେ ଅନ୍ୟକୁ ଘୃଣା ଚକ୍ଷୁରେ ଦେଖିବା ଉଚିତ ନୁହେଁ କି ତାହାକୁ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରିବା ଉଚିତ ନୁହେଁ ।"

79. ନିଜ ବକ୍ଷ ପ୍ରତି ତିନିଥର ଦୃଷ୍ଟି ଆକର୍ଷଣ କରାଇ ପବିତ୍ର ଅବତାର[ସଅ] କହିଲେ :
"ତକଓ୍ୱା (ଅର୍ଥାତ୍ ଅଲ୍ଲାଃଙ୍କ ପ୍ରତି ଭୟ) ଏଇଠି ଅଛି ।"
ତା'ପରେ ସେ କହିଲେ, "ନିଜର ମୁସଲମାନ ଭାଇକୁ ଘୃଣା କରିବା ଅର୍ଥ ନିଜକୁ ସମ୍ପୂର୍ଣ୍ଣ ନଷ୍ଟ କରିବା । ଜଣେ ମୁସଲମାନର ରକ୍ତ, ଧନସମ୍ପତ୍ତି ଓ ସମ୍ମାନ ଅନ୍ୟ ମୁସଲମାନ ପକ୍ଷରେ ଅବୈଧ ।"

(ମୁସଲିମ୍, କିତାବୁଲ ବିରରେ ଓସ୍‌ସଲାତ)

٨٠- عَنْ اَبِىْ هُرَيْرَةَ رَضِىَ اللهُ عَنْهُ اَنَّ النَّبِىَّ صَلَّى اللهُ عَلَيْهِ وَسَلَّمَ قَالَ : اِيَّاكُمْ وَالْحَسَدَ ؛ فَاِنَّ الْحَسَدَ يَاْكُلُ الْحَسَنَاتِ كَمَا تَاْكُلُ النَّارُ الْحَطَبَ اَوْ قَالَ الْعُشْبَ ۔

(ابوداؤد كتاب الادب باب فى الحسد)

80. ଅବୁ ହୁରେରାଃ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହି ପ୍ରକାରେ କହିଛନ୍ତି :
"ଈର୍ଷା ଜନକ ଅଗ୍ନି ପ୍ରତି ସାବଧାନ ହୁଅ । କାରଣ ଅଗ୍ନି ଯେପରି କାଠିକୁଟାକୁ ଜାଳିଦିଏ, ସେହିପରି ଏହା ସତ୍‌କର୍ମକୁ ଜାଳିଦିଏ ।"

(ଅବୁଦାଉଦ, କିତାବୁଲ ଅଦବ, ଭାଗ ଫିଲ ହସଦ)

# ଔଦ୍ଧତ୍ୟ ଓ ଅହଂକାର

٨١- عَنْ عَبْدِ اللهِ بْنِ مَسْعُوْدٍ رَضِىَ اللهُ عَنْهُ عَنِ النَّبِىِّ صَلَّى اللهُ عَلَيْهِ وَسَلَّمَ قَالَ : لَا يَدْخُلُ الْجَنَّةَ مَنْ كَانَ فِىْ قَلْبِهٖ مِثْقَالُ ذَرَّةٍ مِّنْ كِبْرٍ ، فَقَالَ رَجُلٌ : اِنَّ الرَّجُلَ يُحِبُّ اَنْ يَكُوْنَ ثَوْبُهٗ حَسَنًا وَّنَعْلُهٗ حَسَنَةً ، قَالَ : اِنَّ اللهَ جَمِيْلٌ يُحِبُّ الْجَمَالَ ، اَلْكِبْرُ بَطَرُ الْحَقِّ وَغَمْطُ النَّاسِ ۔

(مسلم كتاب الايمان تحريم الكبر وبيانه)

81. ଅବଦୁଲ୍ଲାଃ ବିନ୍ ମସୁଦ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହି ପ୍ରକାରେ କହିଛନ୍ତି :

"ଯାହାର ହୃଦୟରେ ତିଳେମାତ୍ର ଗର୍ବ ଓ ଔଦ୍ଧତ୍ୟ ଅଛି ସେ ବୈକୁଣ୍ଠରେ ପ୍ରବେଶ କରିପାରିବ ନାହିଁ ।"

କେହି ଜଣେ କହିଲା, "ଯିଏ ସୁନ୍ଦର ପୋଷାକ ଓ ସୁନ୍ଦର ଜୋତା ହାସଲ କରିବାକୁ ଭଲପାଏ ତା' ବିଷୟରେ କହନ୍ତୁ ।" ଅବତାର ଉତ୍ତର ଦେଲେ, "ଅଲ୍ଲାଃ ହିଁ ସୌନ୍ଦର୍ଯ୍ୟ ଓ ସେ ସୌନ୍ଦର୍ଯ୍ୟକୁ ହିଁ ଭଲ ପାଆନ୍ତି (ଯଦି ଜଣେ ନିଜକୁ ସୁନ୍ଦର କରି ଗଢ଼ିବ, ତେବେ ତାକୁ ଉଦ୍ଧତ ବୋଲି କୁହାଯିବ ନାହିଁ) । ଆତ୍ମ ସମ୍ମାନ ହେତୁ ସତ୍ୟକୁ ପ୍ରତ୍ୟାଖ୍ୟାନ କରିବା ଓ ଲୋକମାନଙ୍କୁ ହେୟ ଜ୍ଞାନ କରିବାରେ ଔଦ୍ଧତ୍ୟ ଓ ଅହଂକାର ପ୍ରକାଶ ପାଇଥାଏ ।"

(ମୁସଲିମ୍, କିତାବୁଲ ଈମାନ)

# ମିଥ୍ୟା କଥନ

٨٢- عَنْ عَبْدِ اللهِ رَضِىَ اللهُ عَنْهُ قَالَ : قَالَ رَسُوْلُ اللهِ صَلَّى اللهُ عَلَيْهِ وَسَلَّمَ : عَلَيْكُمْ بِالصِّدْقِ فَإِنَّ الصِّدْقَ يَهْدِىْ إِلَى الْبِرِّ وَإِنَّ الْبِرَّ يَهْدِىْ إِلَى الْجَنَّةِ وَمَا يَزَالُ الرَّجُلُ يَصْدُقُ وَيَتَحَرَّى الصِّدْقَ حَتّٰى يُكْتَبَ عِنْدَ اللهِ صِدِّيْقًا وَإِيَّاكُمْ وَالْكَذِبَ فَإِنَّ الْكَذِبَ يَهْدِىْ إِلَى الْفُجُوْرِ وَإِنَّ الْفُجُوْرَ يَهْدِىْ إِلَى النَّارِ وَمَا يَزَالُ الرَّجُلُ يَكْذِبُ وَيَتَحَرَّى الْكَذِبَ حَتّٰى يُكْتَبَ عِنْدَ اللهِ كَذَّابًا ـ

(مسلم كتاب البرّ والصلة باب قبح الكذب وحسن الصدق وفضله)

82. ଅବଦୁଲ୍ଲାଃ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ସତ୍ୟ ପ୍ରତି ଅନୁରକ୍ତ ରୁହ, କାରଣ ଏହା ସଦ୍‌ଗୁଣ ଆଡ଼କୁ ବାଟ କଢ଼ାଏ ଓ ସଦ୍‌ଗୁଣ ବୈକୁଣ୍ଠକୁ ବାଟ କଢ଼ାଇ ନିଏ । ଯଦି ଜଣେ ବ୍ୟକ୍ତି ସତ୍ୟ କହେ ଓ ସତ୍ୟର ଅନୁସରଣ

କରେ, ତେବେ ସମୟ ଆସେ ଯେତେବେଳେ ଅଲ୍ଲାଃ ତାହାକୁ ସତ୍ୟବାଦୀ ବୋଲି ସାବ୍ୟସ୍ତ କରନ୍ତି । ମିଥ୍ୟା କଥନ ପ୍ରତି ସାବଧାନ ହୁଅ, କାରଣ ମିଥ୍ୟାକଥନ ପାପ ଆଡ଼କୁ ବାଟ କଢ଼ାଇ ନିଏ ଓ ପାପ ନରକ ଆଡ଼କୁ ବାଟ ବଢ଼ାଇ ନିଏ । ଯଦି ଜଣେ ଅନବରତ ମିଥ୍ୟା କହେ ଓ ମିଥ୍ୟା କହି ଚାଲେ, ତେବେ ସମୟ ଆସେ ଯେତେବେଳେ ଅଲ୍ଲାଃ ତାହାକୁ ପ୍ରଥମ ଶ୍ରେଣୀର ମିଥ୍ୟାବାଦୀ ବୋଲି ସାବ୍ୟସ୍ତ କରନ୍ତି ।” (ମୁସଲିମ୍, କିତାବୁଲ ବିରରେ ଓସ୍ ସଲାତ୍)

٨٣- عَنْ اَبِىْ بَكْرَةَ رَضِىَ اللّٰهُ عَنْهُ قَالَ : قَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ : اَلَا اُنَبِّئُكُمْ بِاَكْبَرِ الْكَبَآئِرِ ؟ قُلْنَا : بَلٰى : بَلٰى يَا رَسُوْلَ اللّٰهِ ! قَالَ : اَلْاِشْرَاكُ بِاللّٰهِ ، وَعُقُوْقُ الْوَالِدَيْنِ ، وَكَانَ مُتَّكِاً فَجَلَسَ فَقَالَ : اَلَا وَقَوْلَ الزُّوْرِ ! فَمَا زَالَ يُكَرِّرُهَا حَتّٰى قُلْنَا : لَيْتَهٗ سَكَتَ۔

(بخاری کتاب الادب باب عقوق الوالدین)

**83.** **ଅବୁବକର[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହି ରୂପେ କହିଛନ୍ତି :**

“ନିକୃଷ୍ଟତମ ପାପ ସମ୍ବନ୍ଧରେ ମୁଁ ତୁମମାନଙ୍କୁ କହିବା ଉଚିତ ହେବ ନାହିଁ କି ?” ଆମେମାନେ କହିଲୁ, “ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କୃପାକରି କହନ୍ତୁ ।” ପବିତ୍ର ଅବତାର[ସଅ] କହିଲେ, “ଅଲ୍ଲାଃଙ୍କ ସହିତ କାହାରିକୁ ସମକକ୍ଷ କରିବା ଓ ପିତାମାତାଙ୍କୁ ଅମାନ୍ୟ କରିବା ।” ପବିତ୍ର ଅବତାର[ସଅ] ଆଉଜି ପଡ଼ିଥିଲେ, ତା’ପରେ ଉଠି ବସିଲେ ଏବଂ କହିଲେ, “ମିଥ୍ୟା କହିବା ପ୍ରତି ସାବଧାନ ହୁଅ ।” କହିବା ବନ୍ଦ କରିବା ଲାଗି ଆମେମାନେ ନ ଚାହିଁବା ପର୍ଯ୍ୟନ୍ତ ସେ ଏହାକୁ ବାରମ୍ବାର କହି ଚାଲିଲେ ।

(ବୁଖାରି, କିତାବୁଲ ଅଦବ)

# ମୁସଲମାନମାନଙ୍କ ଅଧଃପତନ

٨٤- عَنْ عَبْدِ اللهِ بْنِ عَمْرٍو رَضِيَ اللهُ عَنْهُمَا قَالَ: قَالَ
رَسُوْلُ اللهِ صَلَّى اللهُ عَلَيْهِ وَسَلَّمَ: لَيَأْتِيَنَّ عَلٰى أُمَّتِيْ
مَا أَتٰى عَلٰى بَنِيْ إِسْرَائِيْلَ حَذْوَ النَّعْلِ بِالنَّعْلِ حَتّٰى إِنْ كَانَ
مِنْهُمْ مَنْ أَتٰى أُمَّهٗ عَلَانِيَةً لَكَانَ فِيْ أُمَّتِيْ مَنْ يَّصْنَعُ ذٰلِكَ
وَإِنَّ بَنِيْ إِسْرَائِيْلَ تَفَرَّقَتْ عَلٰى ثِنْتَيْنِ وَسَبْعِيْنَ مِلَّةً
وَتَفْتَرِقُ أُمَّتِيْ عَلٰى ثَلَاثٍ وَّسَبْعِيْنَ مِلَّةً كُلُّهُمْ فِي النَّارِ
إِلَّا مِلَّةً وَّاحِدَةً، قَالُوْا مَنْ هِيَ يَا رَسُوْلَ اللهِ؟ قَالَ: مَا أَنَا
عَلَيْهِ وَأَصْحَابِيْ.

(ترمذی کتاب الایمان باب افتراق هذه الامة)

**84.** ଅବଦୁଲ୍ଲାଃ ବିନ୍ ଉମର[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ପୂର୍ବରୁ ଇସ୍ରାଇଲବାସୀଙ୍କ ପ୍ରତି ଯାହା ଯାହା ଘଟିଥିଲା, ମୋ ଲୋକମାନଙ୍କ ପ୍ରତି ମଧ୍ୟ ସେସବୁ ଘଟିବ । ହଳେ ଯୋତାରେ ଯେପରି ଗୋଟିଏ ପଟର ସାଦୃଶ୍ୟ ଅନ୍ୟପଟ ସହିତ ଥାଏ, ଠିକ୍ ସେହିପରି ଏମାନଙ୍କ ମଧ୍ୟରେ ସାଦୃଶ୍ୟ ରହିବ । ତାହା ଏତେ ଦୂର ହେବ ଯେ ଯଦି କେହି ଇସ୍ରାଇଲବାସୀ ପ୍ରକାଶ୍ୟରେ ନିଜ ଜନନୀ ସହିତ ବ୍ୟଭିଚାର କରିଥାଏ, ତେବେ ମୋ ଲୋକମାନଙ୍କ ଭିତରୁ ମଧ୍ୟ କେହି ଜଣେ ସେହିପରି କରିବ । ସତ କହିବାକୁ ଗଲେ, ଇସ୍ରାଇଲବାସୀମାନେ ୭୨ଟି ସମ୍ପ୍ରଦାୟରେ ବିଭକ୍ତ ହୋଇଥିଲେ, କିନ୍ତୁ ମୋ ଲୋକମାନେ ୭୩ଟି ସମ୍ପ୍ରଦାୟରେ ବିଭକ୍ତ ହେବେ । ଗୋଟିକୁ ଛାଡି ଅନ୍ୟମାନେ ସମସ୍ତେ ନରକାଗ୍ନି ମଧ୍ୟରେ ରହିବେ ।" ସାଥୀମାନେ ପଚାରିଲେ, "ହେ ଅଲ୍ଲାଃଙ୍କ ଅବତାର, ସେମାନେ କିଏ ?" ପବିତ୍ର ଅବତାର[ସଅ] କହିଲେ, "ସେମାନେ ସେହି ଲୋକ ଯେଉଁମାନେ ମୋର ଓ ମୋ ସାଥୀମାନଙ୍କର ପ୍ରଥା ଅନୁସରଣ କରିବେ ।" (ତିରମିଜି, କିତାବୁଲ ଇମାନ)

۸۵- عَنْ عَلِيٍّ رَضِيَ اللّٰهُ عَنْهُ قَالَ : قَالَ رَسُوْلُ اللّٰهِ
صَلَّى اللّٰهُ عَلَيْهِ وَسَلَّمَ : يُوْشِكُ اَنْ يَّاْتِيَ عَلَى النَّاسِ زَمَانٌ
لَا يَبْقٰى مِنَ الْاِسْلَامِ اِلَّا اسْمُهٗ وَلَا يَبْقٰى مِنَ الْقُرْاٰنِ اِلَّا
رَسْمُهٗ مَسَاجِدُهُمْ عَامِرَةٌ وَهِيَ خَرَابٌ مِنَ الْهُدٰى عُلَمَآءُهُمْ
شَرُّ مَنْ تَحْتَ اَدِيْمِ السَّمَآءِ مِنْ عِنْدِهِمْ تَخْرُجُ الْفِتْنَةُ
وَفِيْهِمْ تَعُوْدُ ۔ (رَوَاهُ الْبَيْهَقِيُّ فِیْ شعب الايمان)
(مشکوٰۃ کتاب العلم ، الفصل الثالث صفحه ۳۸ کنز العمال جلد ۲
صفحه ۴۳)

**85.** ଅଲି[ରଅ] କହୁଛନ୍ତି ପବିତ୍ର ଅବତାର[ସଅ] ନିମ୍ନୋକ୍ତ ପ୍ରକାରେ କହିଛନ୍ତି :

"ସମୟ ଆସିବ ଯେତେବେଳେ ଇସ୍‌ଲାମ ଧର୍ମର କେବଳ ନାମ ଛଡ଼ା ଆଉ କିଛି ରହିବ ନାହିଁ ଏବଂ କୁରଆନର ଲିପି ଛଡ଼ା ଆଉ କିଛି ରହିବ ନାହିଁ । ମସଜିଦ୍‌ଗୁଡ଼ିକ ଉପାସକମାନଙ୍କ ଦ୍ୱାରା ଭରପୂର ହୋଇଥିବ, ମାତ୍ର ଧର୍ମନିଷ୍ଠତା ଦୃଷ୍ଟିରୁ ସେମାନେ ଫମ୍ପା ଓ ପରିତ୍ୟକ୍ତ ଦେଖାଯିବେ । ସେମାନଙ୍କ ଉଲେମା (ଅର୍ଥାତ୍ ଧର୍ମ ପଣ୍ଡିତମାନେ) ଆକାଶ ତଳେ ନିକୃଷ୍ଟତମ ଜୀବ ହୋଇ ରହିବେ । ସେମାନଙ୍କଠାରୁ ଦୁରଭିସନ୍ଧି ଆରମ୍ଭ ହେବ ଓ ତାହା ସେମାନଙ୍କ ନିକଟକୁ ଫେରିଆସିବ ।"

(ମିସ୍‌କାତ୍, କିତାବୁଲ ସଲାମ)

# ଇମାମ୍ ମେହଦିଙ୍କ ଆବିର୍ଭାବ

۸۶- عَنْ اَبِیْ هُرَيْرَةَ رَضِيَ اللّٰهُ عَنْهُ قَالَ كُنَّا جُلُوْسًا
عِنْدَ النَّبِيِّ صَلَّى اللّٰهُ عَلَيْهِ وَسَلَّمَ اِذْ نَزَلَتْ عَلَيْهِ سُوْرَةُ
الْجُمُعَةِ فَلَمَّا قَرَأَ : وَاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ ،
قَالَ رَجُلٌ مَّنْ هٰؤُلَآءِ يَارَسُوْلَ اللّٰهِ؟ فَلَمْ يُرَاجِعْهُ النَّبِيُّ صَلَّى

اللهُ عَلَيْهِ وَسَلَّمَ حَتّٰى سَأَلَهُ مَرَّةً اَوْ مَرَّتَيْنِ اَوْ ثَلَاثًا قَالَ وَفِيْنَا سَلْمَانُ الْفَارِسِيُّ قَالَ فَوَضَعَ النَّبِيُّ صَلَّى اللهُ عَلَيْهِ وَسَلَّمَ يَدَهُ عَلٰى سَلْمَانَ ثُمَّ قَالَ : لَوْكَانَ الْاِيْمَانُ عِنْدَ الثُّرَيَّا لَنَالَهُ رِجَالٌ مِنْ هٰؤُلَاءِ۔

(بخاری کتاب التفسیر سورۃ جمعۃ و مسلم، صفحہ۱۸۰)

**86.** **ଅବୁ ହୁରେରାଃ[ସଅ] ବର୍ଣ୍ଣନା କରୁଛନ୍ତି :**

"ଯେତେବେଳେ ପବିତ୍ର କୁରଆନର ସୁରା ଜୁମା (ନାମକ ଏକ ଅଧ୍ୟାୟ) ପବିତ୍ର ଅବତାର[ସଅ]ଙ୍କ ପ୍ରତି ଅବତୀର୍ଣ୍ଣ ହେଲା ସେତେବେଳେ ଆମ୍ଭେମାନେ ତାଙ୍କ ଗହଣରେ ଥିଲୁ । ସେତେବେଳେ ସେ ଏହି ଆୟତ୍ ଆବୃତ୍ତି କଲେ

'وَاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ''

'ଓ୍ୱଆଖରିନା ମିନ୍‌ହୁମ୍ ଲମ୍ମା ୟଲ୍‌ହକୁ ବିହିମ୍'

ଅର୍ଥାତ୍ ଯେଉଁମାନେ ପରେ ଆସିବେ ଓ ଅଦ୍ୟାବଧି ସେମାନଙ୍କ ସହ ଯୋଗଦେଇ ନାହାନ୍ତି ।'

ଟୀକା - ଏହି ବିଷୟ ସେହି ଆୟତର ଏକ ଅଂଶ ଯହିଁରେ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରଥମ ଆବିର୍ଭାବ କଥା ବର୍ଣ୍ଣନା କରାଯାଇଛି ଓ ଭବିଷ୍ୟତ ଘଟଣାର ସୂଚନା ଦିଆଯାଇଛି ଯେ ମହାଭାଗଙ୍କ ପୂର୍ବବର୍ତ୍ତୀ ଅନୁଗାମୀମାନଙ୍କ ପଦମର୍ଯ୍ୟାଦା ଲାଭ କରିବା ଭଳି କେତେକ ଲୋକ ପରବର୍ତ୍ତୀ କାଳରେ ମଧ୍ୟ ଥିବେ । ସ୍ୱଷ୍ଟତଃ, ପରବର୍ତ୍ତୀ କାଳରେ ପବିତ୍ର ଅବତାର[ସଅ]ଙ୍କ ଏକ ଦ୍ୱିତୀୟ ଆବିର୍ଭାବ ବିଷୟରେ ଏହା କହୁଛି । କାରଣ ମୁହମ୍ମଦ[ସଅ]ଙ୍କ ପ୍ରଥମ ଆବିର୍ଭାବର ସୂଚନା ଦେବାକୁ ଯାଇ ଏହି ବାକ୍ୟାଂଶଟି ପୂର୍ବରୁ ବ୍ୟବହୃତ ହୋଇଥିବା 'କ୍ରିୟା' ଦ୍ୱାରା ନିୟନ୍ତ୍ରିତ ହେଉଛି ।

ସେଠାରେ ଉପସ୍ଥିତ ଥିବା ଲୋକମାନଙ୍କ ମଧ୍ୟରୁ ଜଣେ ପଚାରିଲା, "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେମାନେ କିଏ ?" ପବିତ୍ର ଅବତାର[ସଅ] ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ଲୋକଟି ପ୍ରଶ୍ନଟିକୁ ଦୁଇ ତିନିଥର ପଚାରିଲା । ଏହି ସମୟରେ ସଲମାନ ନାମକ ଜଣେ ପାରସ୍ୟବାସୀ ଆମମାନଙ୍କ ସହିତ ମଧ୍ୟ ବସିଥିଲେ । ପବିତ୍ର ଅବତାର[ସଅ] ତାଙ୍କ ଆଡ଼କୁ ବୁଲି ପଡ଼ିଲେ, ତାଙ୍କ କାନ୍ଧ ଉପରେ ହାତ ଥୋଇଲେ ଓ

କହିଲେ, "ଧର୍ମ ବିଶ୍ୱାସ ସପ୍ତର୍ଷି ମଣ୍ଡଳ ଉପରକୁ ଆରୋହଣ କରିଯାଇଥିଲେ (ଅର୍ଥାତ୍ ଧରାପୃଷ୍ଠରୁ ସମ୍ପୂର୍ଣ୍ଣ ରୂପେ ଅଦୃଶ୍ୟ ହୋଇ ଯାଇଥିଲେ) ମଧ୍ୟ ତାଙ୍କ ଲୋକମାନଙ୍କ ଭିତରୁ କେତେଲୋକ ରହିବେ ଯେ କି ଧର୍ମ ବିଶ୍ୱାସକୁ ଧରା ପୃଷ୍ଠରେ ପୁନର୍ବାର ପ୍ରତିଷ୍ଠା କରିବେ ।"

ଟୀକା - ଅନ୍ୟ ଏକ ବିବରଣୀ ଅନୁସାରେ 'କେତେ ଲୋକ' ବଦଳେ 'ଜଣେ ଲୋକ' ଉଲ୍ଲେଖ କରାଯାଇଛି ।

(ବୁଖାରି, କିତାବୁତ ତଫସିର ସୁରଃ ଜୁମା, ମୁସଲିମ, ପୃ ୧୭୦)

٨٧-عَنْ اَبِيْ هُرَيْرَةَ رَضِيَ اللهُ عَنْهُ قَالَ : قَالَ رَسُوْلُ اللهِ صَلَّى اللهُ عَلَيْهِ وَسَلَّمَ : وَالَّذِيْ نَفْسِيْ بِيَدِهٖ لَيُوْشِكَنَّ اَنْ يَنْزِلَ فِيْكُمْ ابْنُ مَرْيَمَ حَكَمًا عَدْلًا فَيَكْسِرُ الصَّلِيْبَ وَيَقْتُلُ الْخِنْزِيْرَ وَيَضَعُ الْحَرْبَ وَيَفِيْضُ الْمَالَ حَتّٰى لَا يَقْبَلَهٗ اَحَدٌ حَتّٰى تَكُوْنَ السَّجْدَةُ الْوَاحِدَةُ خَيْرًا مِنَ الدُّنْيَا وَمَا فِيْهَا ، ثُمَّ يَقُوْلُ اَبُوْهُرَيْرَةَ وَاقْرَؤُا اِنْ شِئْتُمْ وَاِنْ مِّنْ اَهْلِ الْكِتٰبِ اِلَّا لَيُؤْمِنَنَّ بِهٖ قَبْلَ مَوْتِهٖ وَيَوْمَ الْقِيٰمَةِ يَكُوْنُ عَلَيْهِمْ شَهِيْدًا ۔

(بخاری کتاب الانبیاء باب نزول عیسیٰ بن مریم)

**87.** ଅବୁ ହୁରେରାଃ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ମୋ ଜୀବନ ଯାହାଙ୍କ ହାତରେ ଅଛି, ମୁଁ ତାହାଙ୍କ ନାମରେ ଶପଥ କରୁଛି ଯେ ମରିୟମ ନନ୍ଦନ ତୁମମାନଙ୍କ ମଧ୍ୟରେ ଶୀଘ୍ର ଆବିର୍ଭାବ ହେବେ । ସେ ନ୍ୟାୟ ବିଚାର କରିବେ । ସେ କ୍ରୁଶ ଭାଙ୍ଗିବେ, ଶୁକରମାନଙ୍କୁ ବଧ କରିବେ, (ଆଧ୍ୟାତ୍ମିକ ନିର୍ଦ୍ଦେଶ ବଳରେ ଧର୍ମ ପାଇଁ) ଯୁଦ୍ଧକୁ ଉଠେଇ ଦେବେ । ଧନ ସମ୍ପତ୍ତି ବିବରଣ କରିବେ, ଅଥଚ କେହି ଏହାକୁ ଗ୍ରହଣ କରିବେ ନାହିଁ । ସେ ସମୟରେ ଅଲ୍ଲାଃଙ୍କ ନିକଟରେ ଥରେ ମାତ୍ର ସିଜ୍‌ଦା କରିବା ଏହି ସଂସାରରେ ଓ ତନ୍ମଧ୍ୟରେ ଯାହା କିଛି ଅଛି ତା' ଅପେକ୍ଷା ଉତ୍କୃଷ୍ଟ ହେବ ।" ଅବୁ ହୁରେରାଃ[ରଅ] ନିଜ ବିବରଣୀରେ କହୁଛନ୍ତି "ଯଦି

ତୁମେମାନେ ଇଚ୍ଛା କର, ତେବେ ତୁମେମାନେ ଆୟତଟି ପଢ଼ିପାର,

وَاِنْ مِّنْ اَهْلِ الْكِتٰبِ اِلَّا لَيُؤْمِنَنَّ بِهٖ قَبْلَ مَوْتِهٖ وَيَوْمَ الْقِيٰمَةِ يَكُوْنُ عَلَيْهِمْ شَهِيْدًا

'ୱ୍ଇନ୍ ମିନ୍ ଅହଲଲ୍ କିତାବେ ଇଲ୍ଲା ଲୟୁ ମେନିନ୍ନା ବେହି କବ୍‌ଲା ମୌତେହି ଓ ୟୋମଲ୍ କିୟାମତେ ୟକୁନ ଅଲୈହିମ୍ ଶହିଦା'

ଅର୍ଥାତ୍ 'ଏବଂ ଗ୍ରନ୍ଥଧାରୀମାନଙ୍କ ମଧ୍ୟରେ ଏପରି କେହି ନାହିଁ ଯେ କି ନିଜ ମୃତ୍ୟୁ ପୂର୍ବରୁ ଏ ବିଷୟରେ ବିଶ୍ୱାସ ନ କରିବ; ଏବଂ କୟାମତ୍ (ଅର୍ଥାତ୍ ପୁନରୁତ୍‌ଥାନ) ଦିବସରେ ସେ (ଯୀଶୁ) ଏମାନଙ୍କ ବିରୁଦ୍ଧରେ ସାକ୍ଷୀ ହେବେ ।'

(ଅଲ୍ ନିସା : ୧୬୦)

ଟୀକା : ମନେ ରଖିବାକୁ ହେବ ଯେ ଏହା ଅବୁ ହୁରୋରାଃ[ରଅ] ଙ୍କ ମତ, ପବିତ୍ର ଅବତାର[ସଅ] ଙ୍କ ବାଣୀ ନୁହେଁ ।

(ବୁଖାରି, କିତାବୁଲ ଅମ୍ବିୟା, ଭାଗ ନିଜୁଲ ଇସା ଇବ୍ନେ ମରିୟମ)

٨٨- اَلَا اِنَّ عِيْسَى بْنَ مَرْيَمَ لَيْسَ بَيْنِيْ وَبَيْنَهٗ نَبِيٌّ وَلَا رَسُوْلٌ. اَلَا اِنَّهٗ خَلِيْفَتِيْ فِيْ اُمَّتِيْ مِنْ بَعْدِيْ . اَلَا اِنَّهٗ يَقْتُلُ الدَّجَّالَ وَيَكْسِرُ الصَّلِيْبَ وَيَضَعُ الْجِزْيَةَ. وَتَضَعُ الْحَرْبُ اَوْزَارَهَا. اَلَا مَنْ اَدْرَكَهٗ فَلْيَقْرَأْ عَلَيْهِ السَّلَامَ.

(طبرانی الاوسط والصغير)

**88.** "ସାବଧାନ ! ମରିୟମ ନନ୍ଦନ ଯୀଶୁ ଓ ମୋ ମଧ୍ୟରେ କୌଣସି ଅବତାର ବା ବାର୍ତ୍ତାବହ ଆସିବେ ନାହିଁ । ମନେରଖ, ମୋ ପରେ ସେ ମୋ ଲୋକମାନଙ୍କ ପାଇଁ ମୋର ଉତ୍ତରାଧିକାରୀ ବା ଖଲିଫା ହେବେ । ମନେରଖ, ସେ ଖ୍ରୀଷ୍ଟ ବିରୋଧୀ (ମତବାଦୀ)ଙ୍କୁ ହତ୍ୟା କରିବେ, କ୍ରୁଶକୁ ଭାଙ୍ଗିବେ, ଜିଜିୟା (ପରାଜିତ ଲୋକମାନଙ୍କ ଠାରୁ ସଂଗୃହୀତ ହେଉଥିବା କର) ଉଠାଇ ଦେବେ । କାରଣ ଆଉ ଯୁଦ୍ଧ ହେବ ନାହିଁ । ମନେରଖ, ଯେ କେହି ତାଙ୍କୁ ଭେଟିବ ତାଙ୍କୁ ମୋର ଶୁଭେଚ୍ଛା ଜଣାଇ ଦେବେ ।" (ତିବ୍ରାନି ଅଲ ଅଓସତ୍ ଓ୍ୱଲ ସଗିର)

۸۹- عَنْ اَنَسٍ رَضِیَ اللهُ عَنْهُ قَالَ قَالَ رَسُوْلُ اللهِ صَلَّی اللهُ عَلَیْهِ وَسَلَّمَ مَنْ اَدْرَكَ مِنْكُمْ عِیْسَی ابْنَ مَرْیَمَ فَلْیَقْرَئْهُ مِنِّی السَّلَامَ

(در منثور صفحه ۲۴۵/ ج ۲)

89. ଅନସ୍[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ତୁମମାନଙ୍କ ଭିତରୁ ଯେ କେହି ମରିୟମ ନନ୍ଦନ ଇସାଙ୍କୁ ଭେଟିବ, ତାଙ୍କୁ ମୋର ଶୁଭେଚ୍ଛା ଜଣାଇ ଦେବ ।"

(ଦରେ ମନସୁର୍, ପୃ ୨୪୫)

۹۰- عَنْ ثَوْبَانَ قَالَ قَالَ رَسُوْلُ اللهِ صَلَّی اللهُ عَلَیْهِ وَسَلَّمَ فَاِذَا رَاَیْتُمُوْهُ فَبَایِعُوْهُ وَلَوْ حَبْوًا عَلَی الثَّلْجِ فَاِنَّهٗ خَلِیْفَةُ اللهِ الْمَهْدِی۔

(ابن ماجه کتاب الفتن)

90. ସୋବାନ୍[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହିପରି କହିଛନ୍ତି :

"ତୁମେ ମେହଦିଙ୍କୁ ପାଇଲେ ତାଙ୍କ ହାତରେ 'ବୟତ' (ଆନୁଗତ ସ୍ୱୀକାର ପୂର୍ବକ ଶପଥ) କରିବ । ତୁମେ ନିଜ ଆଣ୍ଠୁରେ ବରଫାବୃତ ପର୍ବତ ପାର ହୋଇ ତାଙ୍କ ପାଖରେ ପହଞ୍ଚିବାକୁ ପଡ଼ିଲେ ମଧ୍ୟ ନିଶ୍ଚିୟ ତାଙ୍କ ପାଖକୁ ଯିବ । ସେ ହେଉଛନ୍ତି ମେହଦି ଏବଂ ଅଲ୍ଲାହ୍‌ଙ୍କ ଖଲିଫା ।"

(ଇବ୍ନମାଜା, କିତାବୁଲ ଫିତନ)

۹۱- عَنْ اَبِیْ هُرَیْرَةَ رَضِیَ اللهُ عَنْهُ قَالَ : قَالَ رَسُوْلُ اللهِ صَلَّی اللهُ عَلَیْهِ وَسَلَّمَ : كَیْفَ اَنْتُمْ اِذَا نَزَلَ ابْنُ مَرْیَمَ فِیْكُمْ وَاِمَامُكُمْ مِنْكُمْ وَفِیْ رِوَایَةٍ فَاَمَّكُمْ مِنْكُمْ ۔

(بخاری کتاب الانبیاء باب نزول عیسیٰ بن مریم علیہ السلام ۔ مسند احمد جلد ۲ صفحہ ۳۳۶)

**91.** **ଅବୁ ହୁରେରାଃ[ରଅ] କହୁଛନ୍ତି ଯେ ପବିତ୍ର ଅବତାର[ସଅ] ଏହି ରୂପେ କହିଛନ୍ତି :**

"ସେତେବେଳେ ତୁମେମାନେ କିପରି (ଶୋଚନୀୟ) ଅବସ୍ଥାରେ ରହିଥିବ, ଯେତେବେଳେ ମରିୟମ ନନ୍ଦନ ତୁମମାନଙ୍କ ମଧ୍ୟରେ ଅବତରଣ କରିବେ ଓ ସେ ତୁମମାନଙ୍କ ମଧ୍ୟରୁ ତୁମମାନଙ୍କର ଇମାମ୍ (ଧାର୍ମିକ ନେତା) ହେବେ ।" ଅନ୍ୟ ଏକ ବିବରଣରେ କୁହାଯାଇଛି : "ସେ ତୁମମାନଙ୍କ ମଧ୍ୟରୁ ତୁମମାନଙ୍କୁ ପରିଚାଳିତ କରିବେ ।" (ବୁଖାରି, କିତାବୁଲ ଅମ୍ବିୟା, ଭାଗ ନୁଜୁଲ ଇଶା ଇବ୍ନେ ମରିୟମ/ ମସନଦ ଅହମଦ, ଖଣ୍ଡ ୨, ପୃ ୩୩୬)

٩٢- عَنْ مُحَمَّدِ بْنِ عَلِيٍّ رَضِيَ اللّٰهُ عَنْهُ قَالَ: اِنَّ لِمَهْدِيِّنَا اٰيَتَيْنِ لَمْ تَكُوْنَا مُنْذُ خَلْقِ السَّمٰوٰاتِ وَالْاَرْضِ يَنْكَسِفُ الْقَمَرُ لِاَوَّلِ لَيْلَةٍ مِّنْ رَمَضَانَ وَتَنْكَسِفُ الشَّمْسُ فِي النِّصْفِ مِنْهُ وَلَمْ تَكُوْنَا مُنْذُ خَلَقَ اللّٰهُ السَّمٰوٰتِ وَالْاَرْضَ۔

(سنن دار قطنی باب صفة صلٰوة الخسوف والکسوف وهیئتهما)

**92.** **ମୁହମ୍ମଦ ବିନ୍ ଅଲି[ରଅ] କହୁଛନ୍ତି :**

"ଆମ ମେହଦିଙ୍କ ପାଇଁ ଦୁଇଗୋଟି ନିଦର୍ଶନ ଦୃଷ୍ଟିଗୋଚର ହେବ, ଯାହା ଏଥିପୂର୍ବରୁ (ଅନ୍ୟ କୌଣସି ଲୋକ ପାଇଁ ସତ୍ୟର ନିଦର୍ଶନ ସ୍ୱରୂପ) ଆକାଶର ଓ ପୃଥିବୀର ସୃଷ୍ଟି ଦିନଠାରୁ ଦୃଷ୍ଟିଗୋଚର ହୋଇ ନଥିବ। ରମଜାନ୍ ମାସରେ ଚନ୍ଦ୍ରକୁ (ଗ୍ରହଣ ଲାଗିବାର) ପ୍ରଥମ ରାତ୍ରିରେ ଗ୍ରହଣ ଲାଗିବ ।

ଟୀକା- **ସ୍ପଷ୍ଟତଃ,** ଏଠାରେ ମାସର ପ୍ରଥମ ରାତ୍ରି ଅଭିପ୍ରେତ ନୁହେଁ । କାରଣ ଚନ୍ଦ୍ରକୁ ଏଠାରେ ହିଲାଲ୍ (ବାଳଚନ୍ଦ୍ର) କୁହାଯାଉ ନାହିଁ । 'ହିଲାଲ୍' ଶବ୍ଦ ଚନ୍ଦ୍ର ଦେଖାଯିବାର ପ୍ରଥମ ତିନି ଦିନ ପ୍ରତି ପ୍ରଯୋଜ୍ୟ । ଅଧିକନ୍ତୁ ତାକୁ ଦେଖିବା କଥା ଦୂରେ ଥାଉ, ପ୍ରଥମ ରାତ୍ରିର ଚନ୍ଦ୍ରରେ କଦାପି ଗ୍ରହଣ ଲାଗିପାରିବ ନାହିଁ ।

ଏବଂ (ସୂର୍ଯ୍ୟପରାଗ ହେବା ଦିନର) ମଧ୍ୟମ ଦିବସରେ ସୂର୍ଯ୍ୟପରାଗ ହେବ । ଗୋଟିଏ ରମଜାନ ମାସରେ ହିଁ ଉଭୟ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଘଟିବ ଏବଂ ଅଲ୍ଲାଃ ଆକାଶ ଓ ପୃଥିବୀ ସୃଷ୍ଟି କରିବା ଦିନଠାରୁ ଏ ଦୁଇଟି ନିଦର୍ଶନ ଏଥିପୂର୍ବରୁ କେବେ ସଙ୍ଗଠିତ ହୋଇ ନାହିଁ ।"

(ସୁନନ୍ ଦାର୍ କୁତନି, ଭାଗ ସିଫତ ସଲାତୁଲ ଖୋସୁଫ ଓ କୋସୁଫ)

# ଖୁତ୍‌ବା ହୁଜ୍‌ଜତୁଲ ୱିଦା

## (ହଜରତ ମୁହମ୍ମଦ[ସଅ]ଙ୍କ ଅନ୍ତିମ ହଜ ଅଭିଭାଷଣ)

٩٣-عَنْ سُلَيْمَانَ بْنِ عَمْرِو بْنِ الْاَحْوَصِ قَالَ حَدَّثَنِي أَبِي أَنَّهُ شَهِدَ
حَجَّةَ الْوَدَاعِ مَعَ رَسُولِ اللهِ ﷺ فَحَمِدَ اللهَ وَأَثْنَى عَلَيْهِ وَذَكَرَ
وَوَعَظَ ثُمَّ قَالَ : أَيُّ يَوْمٍ أَحْرَمُ أَيُّ يَوْمٍ أَحْرَمُ، أَيُّ يَوْمٍ
أَحْرَمُ ؟ قَالَ فَقَالَ النَّاسُ: يَوْمُ الْحَجِّ الْأَكْبَرِ يَا رَسُولَ اللهِ
.قَالَ فَإِنَّ دِمَائَكُمْ وَأَمْوَالَكُمْ وَأَعْرَاضَكُمْ عَلَيْكُمْ حَرَامٌ
كَحُرْمَةِ يَوْمِكُمْ هٰذَا، فِي بَلَدِكُمْ هٰذَا، فِي شَهْرِكُمْ هٰذَا، أَلَا لَا
يَجْنِي جَانٍ إِلَّا عَلَى نَفْسِهِ، وَلَا يَجْنِي وَالِدٌ عَلَى وَلَدِهِ، وَلَا وَلَدٌ عَلَى
وَالِدِهِ، أَلَا إِنَّ الْمُسْلِمَ اَخُو الْمُسْلِمِ، فَلَيْسَ يَحِلُّ لِمُسْلِمٍ مِنْ
أَخِيهِ شَيْءٌ إِلَّا مَا أَحَلَّ مِنْ نَفْسِهِ، أَلَا وَإِنَّ كُلَّ رِبًا فِي الْجَاهِلِيَّةِ
مَوْضُوعٌ لَكُمْ رُؤُسُ أَمْوٰلِكُمْ لَا تَظْلِمُونَ وَلَا تُظْلَمُونَ غَيْرَ
رِبَا الْعَبَّاسِ بْنِ عَبْدِ الْمُطَّلِبِ فَإِنَّهُ مَوْضُوعٌ كُلُّهُ، أَلَا وَإِنَّ كُلَّ
دَمٍ كَانَ فِي الْجَا هِلِيَّةِ مَوْضُوعٌ، وَاَوَّلُ دَمٍ اَضَعُ مِنْ دَمِ
الْجَاهِلِيَّةِ دَمَ الْحَارِثِ ابْنِ عَبْدِ الْمُطَّلِبِ ، كَانَ مُسْتَرْضِعًا فِي
بَنِي لَيْثٍ فَقَتَلَتْهُ هُذَيْلٌ، أَلَا وَاسْتَوْصُوا بِالنِّسَاءِ خَيْراً، فَإِنَّمَا
هُنَّ عَوَانٍ عَنْدَكُمْ، لَيْسَ تَمْلِكُونَ مِنْهُنَّ شَيْئًا غَيْرَ ذٰلِكَ إِلَّا
أَنْ يَأْتِيْنَ بِفَاحِشَةٍ مُبَيِّنَةٍ، فَإِنْ فَعَلْنَ فَاهْجُرُوْ هُنَّ فِي
الْمَضَاجِعِ وَاضْرِبُوهُنَّ ضَرْبًا غَيْرَ مُبَرِّحٍ، فَإِنْ أَطَعْنَكُمْ فَلَا
تَبْغُوْا عَلَيْهِنَّ سَبِيلًا۔ أَلَا وَإِنَّ لَكُمْ عَلَى نِسَائِكُمْ حَقًّا

وَلِنِسَائِكُمْ عَلَيْكُمْ حَقًّا ،فَأَمَّا حَقُّكُمْ عَلَى نِسَائِكُمْ فَلَا
يُوطِئْنَ فُرُشَكُمْ مَنْ تَكْرَهُونَ وَلَا يَأْذَنَّ فِي بُيُوتِكُمْ لِمَنْ
تَكْرَهُونَ ـ أَلَا وَإِنَّ حَقَّهُنَّ عَلَيْكُمْ أَنْ تُحْسِنُوا إِلَيْهِنَّ فِي
كِسْوَتِهِنَّ وَطَعَامِهِنَّ۔ (ترمذی أبواب التفسیر سورة التوبه)

**93. ସୁଲେମାନ୍ ବିନ୍ ଅମର୍ ବିନ୍ ଅଲ୍ ଅହୱାସ୍[ରଅ] କହୁଛନ୍ତି :**

ତାଙ୍କ ପିତା ତାଙ୍କୁ କହିଥିଲେ ଯେ ସେ ପବିତ୍ର ଅବତାର[ସଅ]ଙ୍କ ଅନ୍ତିମ ତୀର୍ଥଯାତ୍ରା ଦେଖିଥିଲେ । ପବିତ୍ର ଅବତାର[ସଅ] ଅଲ୍ଲାଃଙ୍କୁ ପ୍ରଶଂସା କଲେ ଓ ତାଙ୍କର ମହିମା ଗାନ କଲେ ଏବଂ ସଭାକୁ ଉପଦେଶ ଦେଲେ ଓ ପଚାରିଲେ : "ପବିତ୍ରତମ ଦିବସ କେଉଁଟି ?" ଲୋକମାନେ ଉତ୍ତର ଦେଲେ, "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସର୍ବଶ୍ରେଷ୍ଠ ହଜ୍‌ର ଦିବସ ।" ଅବତାର କହିଲେ, "ତେବେ ମନେରଖ ! ଏହି ଦିବସ, ଏହି ସହର ଓ ଏହି ମାସ ଯେତିକି ପବିତ୍ର ତୁମମାନଙ୍କର ଜୀବନ, ତୁମମାନଙ୍କର ସମ୍ପତ୍ତି ଓ ତୁମମାନଙ୍କର ସମ୍ମାନ ସେତିକି ପବିତ୍ର । ନିଜ କର୍ମ ବ୍ୟତୀତ କେହି ଅନ୍ୟ କୌଣସି ବିଷୟରେ ଉତ୍ତରଦାୟୀ ହେବ ନାହିଁ । ପିତା ତା'ର ପୁତ୍ରର କର୍ମ ପାଇଁ ଉତ୍ତରଦାୟୀ ହେବ ନାହିଁ । ପୁତ୍ର ତା'ର ପିତାଙ୍କ କର୍ମ ପାଇଁ ଉତ୍ତରଦାୟୀ ହେବ ନାହିଁ । ମନେରଖ ! ଜଣେ ମୁସଲମାନ ଅନ୍ୟ ଜଣେ ମୁସଲମାନର ଭାଇ । ନିଜ ଭାଇର ବିନା ଅନୁମତିରେ ତା'ର କୌଣସି ସାମଗ୍ରୀ ଆତ୍ମସାତ୍ କରିବା ଉଚିତ ନୁହେଁ । ମନେରଖ ! ଅଜ୍ଞାନ ଯୁଗରେ କରାହୋଇଥିବା ଋଣର ସମସ୍ତ ସୁଧକୁ ଉଚ୍ଛେଦ କରାଯାଇଛି । କିନ୍ତୁ ମୂଳଧନକୁ ନୁହେଁ; ତାହା ତୁମର ହୋଇ ରହିବ । କାହାରି ପ୍ରତି ଅନ୍ୟାୟ କର ନାହିଁ ଓ ତୁମ ପ୍ରତି ମଧ୍ୟ ଅନ୍ୟାୟ କରାଯିବ ନାହିଁ । ତେଣୁ ସେହିପରି ଭାବରେ ଅବାସ୍ ବିନ୍ ଅବଦୁଲ୍ ମୁତଲିବ୍ (ପବିତ୍ର ଅବତାର[ସଅ]ଙ୍କ ଜଣେ ନିକଟ ସମ୍ପର୍କୀୟ) ଦେବାକୁ ଥିବା ସମସ୍ତ ସୁଧକୁ ମଧ୍ୟ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଇଛି । ମୂର୍ତ୍ତିପୂଜା ଯୁଗରେ ହୋଇଥିବା ରକ୍ତପାତର ପ୍ରତିଶୋଧ ନିଆଯିବ ନାହିଁ । ରକ୍ତପାତ ସମ୍ବନ୍ଧିତ ଯେଉଁ ପ୍ରଥମ ଦାବୀକୁ ମୁଁ ଉଚ୍ଛେଦ କରୁଛି, ତାହା ହେଉଛି ଇବ୍ନ ରାବିଆ ବିନ୍ ଅଲ ହରିଷ ବିନ୍ ଅବଦୁଲ୍ ମୁତାଲିବ୍‌ଙ୍କର (ତାଙ୍କର ଜଣେ ନିକଟ ସମ୍ପର୍କୀୟ), ଯେ କି ବନୁ ଲଇଷ୍ ମଧ୍ୟରେ ପାଳିତ ହୋଇଥିଲେ ଓ ଯାହାଙ୍କୁ ହୁଦଇଲ୍ ବଧ କରିଥିଲେ । ନାରୀମାନଙ୍କ ସହିତ ଦୟାପୂର୍ବକ ବ୍ୟବହାର କରିବାକୁ ଜଣେ ଅନ୍ୟକୁ ଉପଦେଶ

ଦିଅ, କାରଣ ସେମାନେ ତୁମର ସଞ୍ଚିତ ଧନ ସଦୃଶ (ତୁମେ ସେମାନଙ୍କ ପାଇଁ ଉତ୍ତରଦାୟୀ ହେବ) । ପ୍ରକାଶ୍ୟ ଅସଦାଚରଣରେ ଦୋଷୀ ନ ହେବା ଯାଏ ସେମାନଙ୍କ ଉପରେ ତୁମର କୌଣସି କର୍ତ୍ତୃତ୍ୱ ନାହିଁ । ଯଦି ସେମାନେ ସେପରି ଦୋଷୀ, ତେବେ ସେମାନଙ୍କୁ ସେମାନଙ୍କ ଶଯ୍ୟାରେ ଏକାକିନୀ ଛାଡ଼ି ଦିଅ ଓ ସେମାନଙ୍କୁ ଶାସନ କର, ମାତ୍ର ଅତି କଠୋର ହୁଅ ନାହିଁ । ଯଦି ସେମାନେ ଆଜ୍ଞା ପାଳନ କରନ୍ତି, ତେବେ (ସେମାନଙ୍କ ପ୍ରତି ରୁକ୍ଷ ହେବା ସକାଶେ) ତୁମର କୌଣସି ଯଥାର୍ଥତା ନାହିଁ (ତେଣୁ କାହାରି ପ୍ରତି ସେପରି ହୁଅ ନାହିଁ) । ମନେରଖ ! ତୁମ ନାରୀମାନଙ୍କ ଉପରେ ତୁମର କେତେକ ଅଧିକାର ଅଛି । ସେହିପରି ତୁମ ନାରୀମାନଙ୍କର ମଧ୍ୟ ତୁମ ଉପରେ କେତେକ ଅଧିକାର ଅଛି । ସେମାନଙ୍କ ଉପରେ ତୁମର ଯେଉଁ ଅଧିକାର ଅଛି, ତାହା ହେଉଛି ଯେ ସେମାନେ ସତୀ ଭାବରେ ଜୀବନ ଯାପନ କରିବେ । ସେମାନେ ତୁମେ ବାରଣ କରିଥିବା ଯେକୌଣସି ବ୍ୟକ୍ତିକୁ ଗୃହରେ ପ୍ରବେଶ କରିବାକୁ ଅନୁମତି ଦେବା ଉଚିତ ନୁହେଁ। ତୁମ ଉପରେ ସେମାନଙ୍କର ଅଧିକାର ହେଉଛି ଯେ ତୁମେ ସେମାନଙ୍କ ଭରଣପୋଷଣ ପାଇଁ ଦାୟୀ ।"

(ତିର୍‌ମିଜି ଅବଓ୍ୱାବୁଲ ତଫସିର, ସୁରଃ ଅଲ ତୌବା)